# ସୂଚୀପତ୍ର



| | |
|---|---|
| ପ୍ରୟୋଗ ସଂଖ୍ୟା-୧ | ଯେ କୌଣସି ଦୁଇ ପ୍ରକାରର ଶସ୍ୟବୀଜ ଏବଂ ଦୁଇ ପ୍ରକାରର ପରିବା ବିଭିନ୍ନ ରନ୍ଧନ ପ୍ରଣାଳୀରେ ରୋଷେଇ କରିବା ଏବଂ ଫଳାଫଳ ନିରୀକ୍ଷଣ କରି ଲିପିବଦ୍ଧ କରିବା । |
| ପ୍ରୟୋଗ ସଂଖ୍ୟା-୨ | ଚାକ୍ଷୁଷ ପରୀକ୍ଷା ଦ୍ୱାରା ବିଭିନ୍ନ ବସ୍ତୁକୁ ଚିହ୍ନଟ କରିବା । |
| ପ୍ରୟୋଗ ସଂଖ୍ୟା-୩ | ଗୋଟିଏ ପ୍ରାଥମିକ ଚିକିତ୍ସା ବାକ୍ସ ପ୍ରସ୍ତୁତ କରିବା । |
| ପ୍ରୟୋଗ ସଂଖ୍ୟା-୪ | ତୁମ ପରିବାରର ସାପ୍ତାହିକ ଖର୍ଚ୍ଚ ଅଟକଳର ଯୋଜନା କରି ଲିପିବଦ୍ଧ କରିବା । |
| ପ୍ରୟୋଗ ସଂଖ୍ୟା-୫ | କୌଣସି ପାରିବାରିକ ଉତ୍ସବର ଆୟୋଜନ କରିବା ବେଳେ ପରିଚାଳନା ପ୍ରକ୍ରିୟାର ସୋପାନଗୁଡ଼ିକ ଲିପିବଦ୍ଧ କରିବା । |
| ପ୍ରୟୋଗ ସଂଖ୍ୟା-୬ | ବିଦ୍ୟାଳୟ ଯାଉଥିବା ଦୁଇଟି ଛୋଟ ପିଲା ଥିବା ଏକ ଗୃହିଣୀଙ୍କ ପାଇଁ ଏକ ନିର୍ଦ୍ଦିଷ୍ଟ ସନ୍ଧ୍ୟାରେ ସମସୟ ୪ଟାରୁ ୮ଟା ପାଇଁ ସମୟର ଯୋଜନା ତିଆରି କରିବା । |
| ପ୍ରୟୋଗ ସଂଖ୍ୟା-୭ | ନିମ୍ନଲିଖିତ ଗୁଣାବତ୍ତା ବା ଉତ୍କର୍ଷତା ଥାଇ କୌଣସି ଉତ୍ପାଦ ପାଇଁ ସୂଚନାପତ୍ର ପ୍ରସ୍ତୁତ କରିବା । |
| | **କିମ୍ବା** |
| | *ନିମ୍ନଲିଖିତ ଉତ୍କର୍ଷତାର ଚିହ୍ନଥିବା ଅନେକ ସାମଗ୍ରୀ ମଧ୍ୟରୁ ଗୋଟିଏ ବାଛି ତାର ପରିଚୟ ପତ୍ରରେ କି ପ୍ରକାର ସୂଚନା ଦିଆଯିବ ଲେଖ । |
| ପ୍ରୟୋଗ ସଂଖ୍ୟା-୮ | ଘରର ସୁରକ୍ଷା ପ୍ରତି ବିପତ୍ତି ସୃଷ୍ଟିକାରୀ ବିଷୟ ଅନୁଧ୍ୟାନ କରିବା ଏବଂ ସେଥିରେ ସୁଧାର ଆଣିବା । |
| ପ୍ରୟୋଗ ସଂଖ୍ୟା-୯ | ଦିଆଯାଇଥିବା ଖାଦ୍ୟସୂଚୀ ଅନୁସାରେ ଖାଦ୍ୟବସ୍ତୁ ନିରୀକ୍ଷଣ କରିବା । ପ୍ରତ୍ୟେକ ଖାଦ୍ୟବସ୍ତୁକୁ ବିଭିନ୍ନ ଖାଦ୍ୟବର୍ଗରେ ବିଭାଜନ କରିବା । ଭୋଜନରେ ଦିଆଯାଇ ନଥିବା ଖାଦ୍ୟବସ୍ତୁକୁ ଖାଦ୍ୟବର୍ଗରେ ଅନ୍ତର୍ଭୁକ୍ତ କରିବା ପାଇଁ ମତାମତ ଦେବା । |
| ପ୍ରୟୋଗ ସଂଖ୍ୟା-୧୦ | ଗୋଟିଏ ପରିବାରର ସଦସ୍ୟମାନଙ୍କର ବୟସ, ଲିଙ୍ଗ ଓ କାର୍ଯ୍ୟକୁ ଦୃଷ୍ଟିରେ ରଖି ଯଥୋପଯୁକ୍ତ ଭୋଜନ ବ୍ୟବସ୍ଥା କରିବା । |
| ପ୍ରୟୋଗ ସଂଖ୍ୟା-୧୧ | ଦହନ ପରୀକ୍ଷା ଦ୍ୱାରା ବସ୍ତ୍ରୋପଯୋଗୀ ତନ୍ତୁ ଚିହ୍ନଟ କରିବା |
| | **ଅଥବା** |
| | *ବସ୍ତୁକୁ ଛୁଇଁବା ଦ୍ୱାରା ବା ଅନୁଭବ କରି ଚିହ୍ନଟ କରିବା । |
| ପ୍ରୟୋଗ ସଂଖ୍ୟା-୧୨ | ସରୁ ଲମ୍ବା କାଗଜ ଖଣ୍ଡରେ ସାଧା ବୟନର ରେଖାଚିତ୍ର ବା ନମୁନା ପ୍ରସ୍ତୁତ କରିବା । |
| ପ୍ରୟୋଗ ସଂଖ୍ୟା-୧୩ | ଧଳା କାର୍ପାସ ବା ସୂତା ବସ୍ତ୍ରରୁ ଦିଆଯାଇଥିବା ଦାଗ ଛଡ଼ାଇବା । |
| | **ଅଥବା** |
| | *ଦିଆଯାଇଥିବା ଟେବୁଲର ସ୍ତମ୍ଭରେ ନିମ୍ନଲିଖିତ ଦାଗଗୁଡ଼ିକ ଛଡ଼ାଇବାର ଉପଯୁକ୍ତ କାର୍ଯ୍ୟ ପ୍ରଣାଳୀ ଲେଖ । |
| ପ୍ରୟୋଗ ସଂଖ୍ୟା-୧୪ | (କ) ଗୋଟିଏ କାର୍ପାସ ବା ସୂତା ଓଢ଼ଣୀ/ଶାଢ଼ୀ/ଜାମା ସଫାକରି (ମଣ୍ଡଦେଇ ଇସ୍ତ୍ରୀ କରି) ପରିସମାପ୍ତି କରିବା (ଖ) ଗୋଟିଏ ପଶମ ଶାଲ୍ ବା ଚାଦର/ସ୍ୱେଟର ସଫା କରି ପରିସମାପ୍ତି କରିବା (ଗ) ଗୋଟିଏ ରେଶମ ମୁଣ୍ଡ ବନ୍ଧା ରୁମାଲ / ବ୍ଲାଉଜ୍/ଓଢ଼ଣୀ ସଫାକରି ତାର ପରିସମାପ୍ତି କରିବା । |
| ପ୍ରୟୋଗ ସଂଖ୍ୟା-୧୫ | ତଳେ ଦିଆଯାଇଥିବା ସ୍ଥାନ ବା ପଦାର୍ଥଗୁଡ଼ିକ ପରିଷ୍କାର କରିବା । |
| | **ଅଥବା** |
| | *ନିମ୍ନଲିଖିତ ସ୍ଥାନ ବା ପଦାର୍ଥଗୁଡ଼ିକ ସଫା କରିବା ପାଇଁ ଉପଯୁକ୍ତ ପରିଷ୍କାରକ ଏବଂ ସଫାକରିବାର ପ୍ରଣାଳୀ ଦର୍ଶାଅ । |
| ପ୍ରୟୋଗ ସଂଖ୍ୟା-୧୬ | ନିମ୍ନରେ ଦିଆଯାଇଥିବା ବିଭିନ୍ନ ବୟସର ୪ଜଣ ପିଲାଙ୍କର ଭାବ ପ୍ରକାଶର କୌଶଳ ନିରୀକ୍ଷର କରିବା । |
| ପ୍ରୟୋଗ ସଂଖ୍ୟା-୧୭ | ପିଲାମାନଙ୍କ ପାଇଁ ଘରୋଇ ଉପକରଣରେ କମ୍ ଦାମ୍‌ର ଖେଳନା/ଖେଳ ସାମଗ୍ରୀ ତିଆରି କରିବା । |


***ଟୀପ୍ପଣୀ:** ଭିନ୍ନକ୍ଷମ ଶିକ୍ଷାର୍ଥୀଙ୍କ ପାଇଁ ଉଦ୍ଦିଷ୍ଟ ।

**ପ୍ରୟୋଗାତ୍ମକ ପରୀକ୍ଷା ନିମନ୍ତେ ସଂଖ୍ୟା ବିଭାଜନ**

| ସର୍ବାଧିକ ସଂଖ୍ୟା - ୧୫ | ସମୟ ୨½ ଘଣ୍ଟା |
|---|---|
| ରେକର୍ଡ ଖାତା | ୩ ନମ୍ବର |
| ପ୍ରୟୋଗାତ୍ମକ ପରୀକ୍ଷା (ଦୁଇଟି ପରୀକ୍ଷା କରାଯିବ) | ୮ ନମ୍ବର |
| ପ୍ରୟୋଗ ଉପରେ ମୌଖିକ ପ୍ରଶ୍ନ | ୪ ନମ୍ବର |

# ପ୍ରୟୋଗ ସଂଖ୍ୟା – ୧



## ଲକ୍ଷ୍ୟ :

ଦୁଇ ପ୍ରକାରର ଶସ୍ୟ ବୀଜ ଓ ଦୁଇ ପ୍ରକାରର ପରିବାକୁ ବିଭିନ୍ନ ପ୍ରଣାଳୀରେ ରୋଷେଇ କରି, ତା'ର ଫଳାଫଳକୁ ନିରୀକ୍ଷଣ କରି ଲିପିବଦ୍ଧ କରିବା ।

## ଉଦ୍ଦେଶ୍ୟ

ଏହି ପ୍ରୟୋଗ କରିବା ପରେ ତୁମେମାନେ :

- ଖାଦ୍ୟ ଉପରେ ରନ୍ଧନର ପ୍ରଭାବକୁ ଜାଣିପାରିବ,
- ବିଭିନ୍ନ ରନ୍ଧନ ପ୍ରଣାଳୀ ବିଷୟରେ ଜାଣିବ ଏବଂ
- କମ୍ ପୋଷକ ତତ୍ତ୍ୱ ନଷ୍ଟ ହେଉଥିବା ରନ୍ଧନ ପ୍ରଣାଳୀକୁ ଚିହ୍ନଟ କରି ପାରିବ ।

## ଆବଶ୍ୟକୀୟ ଉପକରଣ :

ଦୁଇ ପ୍ରକାର ଶସ୍ୟବୀଜ, ଦୁଇ ପ୍ରକାର ପରିବା, ଛୁରୀ, ବେଲା, ରନ୍ଧନ ବାସନ, କରେଇ, ପ୍ରେସର କୁକର, ସସ୍‌ପେନ୍, ରନ୍ଧନ ତେଲ, ମସଲା, ବାଢ଼ିବା ପାତ୍ର, ଡଙ୍କି, ଗ୍ୟାସ୍ ଚୁଲା, ଏଲ୍‌ପିଜି ଗ୍ୟାସ ସିଲିଣ୍ଡର ।

## କାର୍ଯ୍ୟ ପ୍ରଣାଳୀ :

୧. ଦୁଇ ପ୍ରକାର ପରିବା ଓ ଦୁଇ ପ୍ରକାର ଶସ୍ୟବୀଜର ତାଲିକା ପ୍ରସ୍ତୁତ କର ।

୨. ବିଭିନ୍ନ ପ୍ରକାରର ରନ୍ଧନ ପ୍ରଣାଳୀ ଯଥା ଜଳ କିମ୍ବା ଜଳୀୟ ବାଷ୍ପ ମାଧ୍ୟମରେ,(By moist heat) ଶୁଷ୍କ ଉତ୍ତାପ ମାଧ୍ୟମରେ (By dry heat) ତେଲ ବା ଘିଅ ମାଧ୍ୟମରେ ଏହି ଖାଦ୍ୟଗୁଡ଼ିକର ରନ୍ଧନ ପ୍ରକ୍ରିୟାକୁ ସ୍ଥିର କର ।

୩. ଏହି ସବୁ ରନ୍ଧନ ପ୍ରଣାଳୀ ଅନୁସାରେ ରନ୍ଧାଯାଇଥିବା ଖାଦ୍ୟର ନମୁନାକୁ ନିଅ ଏବଂ ଭଲ ଭାବରେ ତା'ର ରୂପ, ରଙ୍ଗ ଓ ବାସ୍ନାରେ ହୋଇଥିବା ପରିବର୍ତ୍ତନକୁ ନିରୀକ୍ଷଣ କର । ଏଗୁଡ଼ିକୁ ଦିଆଯାଇଥିବା ଟେବୁଲରେ ଲେଖ ।

## ନିରୀକ୍ଷଣ ଟେବୁଲ

| ଖାଦ୍ୟ ସାମଗ୍ରୀ | ରନ୍ଧନ ପ୍ରଣାଳୀ | ରଙ୍ଗ | | ରୂପ | | ବାସ୍ନା | |
|---|---|---|---|---|---|---|---|
| | | ରନ୍ଧନ ପୂର୍ବରୁ | ରନ୍ଧନ ପରେ | ରନ୍ଧନ ପୂର୍ବରୁ | ରନ୍ଧନ ପରେ | ରନ୍ଧନ ପୂର୍ବରୁ | ରନ୍ଧନ ପରେ |
| ଶସ୍ୟବୀଜ<br>୧. | (କ) | | | | | | |
| | (ଖ) | | | | | | |
| | (ଗ) | | | | | | |
| ୨. | (କ) | | | | | | |
| | (ଖ) | | | | | | |
| | (ଗ) | | | | | | |

| ଖାଦ୍ୟ ସାମଗ୍ରୀ | ରନ୍ଧନ ପ୍ରଣାଳୀ | ରଙ୍ଗ | | ରୂପ | | ବାସ୍ନା | |
|---|---|---|---|---|---|---|---|
| | | ରନ୍ଧନ ପୂର୍ବରୁ | ରନ୍ଧନ ପରେ | ରନ୍ଧନ ପୂର୍ବରୁ | ରନ୍ଧନ ପରେ | ରନ୍ଧନ ପୂର୍ବରୁ | ରନ୍ଧନ ପରେ |
| ଶସ୍ୟବୀଜ | (କ) | | | | | | |
| ୧. | (ଖ) | | | | | | |
| | (ଗ) | | | | | | |
| ୨. | (କ) | | | | | | |
| | (ଖ) | | | | | | |
| | (ଗ) | | | | | | |

## ସାବଧାନତା

୧. ଶସ୍ୟବୀଜଗୁଡ଼ିକୁ ଭଲ ଭାବରେ ଧୂଅ ।

୨. ପରିବାକୁ କାଟିବା ପରେ ଧୂଅ ନାହିଁ ।

୩. ପରିବାଗୁଡ଼ିକୁ ଅତି ଛୋଟ ଛୋଟ ଖଣ୍ଡ କରି କାଟ ନାହିଁ ।

୪. ଖାଦ୍ୟ ବେଶୀ ସିଝାଅ ନାହିଁ ।

୫. ରନ୍ଧନ ପାଇଁ ଆବଶ୍ୟକ ଅନୁରୂପ ପାଣି/ତେଲ/ଉତ୍ତାପ ବ୍ୟବହାର କର ।

## ଉପସଂହାର

ରନ୍ଧନ ଦ୍ୱାରା ଖାଦ୍ୟର ରୂପ, ବାସ୍ନା ଓ ସ୍ୱାଦ ଉତ୍କୃଷ୍ଟ ହୋଇଥାଏ ।

## ମୂଲ୍ୟ ନିରୂପଣ ପାଇଁ ନିର୍ଣ୍ଣାୟକ

- ଜଳ ମାଧ୍ୟମରେ ରନ୍ଧନ କରାଗଲେ ଯଥା ସମ୍ଭବ ଖାଦ୍ୟର ରଙ୍ଗ ଓ ଆକୃତି ସୁରକ୍ଷିତ ରହିଥାଏ ।
- ଶୁଷ୍କ ଉତ୍ତାପରେ ରନ୍ଧାଯାଇଥିବା ଖାଦ୍ୟର ନରମତା ଓ ସତେଜତା ଥାଏ ।
- ତେଲ ରନ୍ଧା ଖାଦ୍ୟ କୁଡ଼ୁମୁଡ଼ୁ, ସୁନେଲି ବାଦାମି ରଙ୍ଗର ହୋଇଥାଏ । ଏହା ତେଲିଆ ହୋଇନଥାଏ ।

## ସମ୍ବନ୍ଧିତ ପ୍ରଶ୍ନାବଳୀ

୧. ଖାଦ୍ୟ ରନ୍ଧନର ବିଭିନ୍ନ ପ୍ରଣାଳୀଗୁଡ଼ିକ କ'ଣ ?

୨. ଖାଦ୍ୟ ପ୍ରସ୍ତୁତ ଓ ରନ୍ଧନ ସମୟରେ ପୋଷକତତ୍ତ୍ୱ ନଷ୍ଟ ନହେବା ପାଇଁ କେତେକ ଉପାୟ ବତାଅ ।

୩. ପରିବାକୁ କାହିଁକି ଅତି ଛୋଟ ଛୋଟ ଖଣ୍ଡ କରି କାଟିବା ଉଚିତ୍ ନୁହେଁ ।

୪. ପରିବା କାଟି ସାରିଲା ପରେ କାହିଁକି ଧୋଇବ ନାହିଁ ।

## ଶିକ୍ଷକଙ୍କ ପାଇଁ ଟିପ୍ପଣୀ

୧. ଜଣେ ବିଦ୍ୟାର୍ଥୀଙ୍କୁ ବିଭିନ୍ନ ରନ୍ଧନ ପ୍ରଣାଳୀରେ ପ୍ରସ୍ତୁତ କରାଯାଇଥିବା ଖାଦ୍ୟ ଦେଖାଇ, ସେହି ରନ୍ଧନ ପ୍ରଣାଳୀଗୁଡ଼ିକୁ ଚିହ୍ନଟ କରିବା ପାଇଁ ପଚରା ଯାଇପାରେ ।

୨. ଜଣେ ବିଦ୍ୟାର୍ଥୀଙ୍କୁ କେଉଁ କେଉଁ ରନ୍ଧନ ପ୍ରଣାଳୀ ପ୍ରୟୋଗରେ କମ୍ ପୋଷକ ତତ୍ତ୍ୱ ନଷ୍ଟ ହୁଏ, ତାହା ଚିହ୍ନଟ କରିବା ପାଇଁ ପଚରାଯାଇପାରେ ।

## ଅଧିକ ଜାଣିବା ପାଇଁ

ଗୃହ ବିଜ୍ଞାନ ବହି – ପୁସ୍ତକ – ୧ମ ଭାଗ ପାଠ୍ୟ ବିଷୟ ୪ ଦ୍ରଷ୍ଟବ୍ୟ ।

# ପ୍ରୟୋଗ ସଂଖ୍ୟା – ୨

## ଲକ୍ଷ୍ୟ :

ଚାକ୍ଷୁଷ ପରୀକ୍ଷା ଦ୍ୱାରା ବସ୍ତ୍ରର ନମୁନାକୁ ଚିହ୍ନଟ କରିବା ।

- ବୟନ ବସ୍ତ୍ର
- କଣ୍ଟା ବୁଣା ବସ୍ତ୍ର

## ଉଦ୍ଦେଶ୍ୟ

ଏହି ପ୍ରୟୋଗ କରିବା ପରେ ତୁମେ :

- ଚାକ୍ଷୁଷ ପରୀକ୍ଷା ଦ୍ୱାରା କଣ୍ଟାବୁଣା ବସ୍ତ୍ର ଓ ବୟନ ବସ୍ତ୍ରକୁ ଚିହ୍ନଟ କରିପାରିବ ।

## ଆବଶ୍ୟକୀୟ ଉପକରଣ :

ବିଭିନ୍ନ ସ୍ଥାନରୁ କପଡ଼ା ସଂଗ୍ରହ କର, ଯେମିତି

(କ) ଘରୁ କିମ୍ବା ଦର୍ଜି ପାଖରୁ ବଳକା କପଡ଼ା

(ଖ) ପୁରୁଣା ପଞ୍ଜି / ଟିସାର୍ଟ / ମୋଜା କିମ୍ବା ସ୍ୱେଟର

## କାର୍ଯ୍ୟ ପ୍ରଣାଳୀ :

୧. ଉପରେ ଦିଆଯାଇଥିବା ଯେକୌଣସି ଉତ୍ସରୁ ୫ ସେଣ୍ଟିମିଟର × ୫ ସେଣ୍ଟିମିଟର ମାପର କଟା କପଡ଼ାର ନମୁନା ନିଅ ।

୨. ଧ୍ୟାନ ପୂର୍ବକ ଚୟନ ନିମନ୍ତେ ଦିଆଯାଇଥିବା ନିର୍ଣ୍ଣାୟକ ଅନୁସାରେ ବୈଶିଷ୍ଟଗୁଡ଼ିକୁ ନିରୀକ୍ଷଣ କର ।


୩. ଦୁଇଟି ବୟନ ନମୁନା ଓ ଦୁଇଟି କଣ୍ଟାବୁଣା ନମୁନାକୁ ବାଛ ।


୪. ଏଗୁଡ଼ିକ ତୁମ ପ୍ରୟୋଗ ଖାତାରେ ତଳେ ଦର୍ଶାଯାଇଥିବା ସଦୃଶ ଟେବୁଲରେ ଅଠାଦେଇ ଲଗାଅ ।

୫. ଏହି ଦୁଇଟି ନମୁନା ମଧ୍ୟରେ ଥିବା ପାର୍ଥକ୍ୟର ତାଲିକା ପ୍ରସ୍ତୁତ କର ।

### ବସ୍ତ୍ର ଚୟନର ନିର୍ଣ୍ଣାୟକ

| କଣ୍ଟାବୁଣା | ବୟନ |
|---|---|
| • ଧାରଗୁଡ଼ିକ ବଙ୍କା ହୋଇଥାଏ ।<br>• ବର୍ହିଭାଗରେ ଅତି କ୍ଷୁଦ୍ର ପରସ୍ପର ଛନ୍ଦି ହୋଇଥିବା ଫାଶଗୁଡ଼ିକ ଦେଖାଯାଏ ।<br>• ଗୋଟିଏ ବୁଣା ସୂତା (yarn) ବସ୍ତ୍ରରେ ଛନ୍ଦି ହୋଇ ରହିଥାଏ । | • ଧାରଗୁଡ଼ିକ ସମତଳ ।<br>• ବର୍ହିଭାଗରେ ପର୍ଯ୍ୟାୟକ୍ରମେ ବିନ୍ୟସ୍ତ ବୁଣା ସୂତା (yarn) ଦେଖାଯାଏ ।<br>• ସିଧା ସୂତା (warp) ଏବଂ ଲୁଗା ବୁଣା ସୂତା ଦାମନ ସୂତାରେ ବସ୍ତ୍ର ସଂଯୋଜିତ ହୋଇଥାଏ । |




## ନିରୀକ୍ଷଣ ଟେବୁଲ

| ବୟନ ନମୁନା | | କଣ୍ଢାବୁଣା ନମୁନା | |
|---|---|---|---|
| ନମୁନା ସଂଖ୍ୟା– ୧କୁ ଅଠାରେ ଲଗାଅ | ନମୁନା ସଂଖ୍ୟା– ୧ର ଗୁଣାବଳୀ ଲେଖ | ନମୁନା ସଂଖ୍ୟା– ୨କୁ ଅଠାରେ ଲଗାଅ | ନମୁନା ସଂଖ୍ୟା– ୨ର ଗୁଣାବଳୀ ଲେଖ |
| | | | |

## ସମ୍ବନ୍ଧିତ ପ୍ରଶ୍ନାବଳୀ

୧. ବୟନ ଓ କଣ୍ଢାବୁଣା ବସ୍ତ୍ର ମଧ୍ୟରେ ପାର୍ଥକ୍ୟ ଦର୍ଶାଅ ।

୨. ବିଭିନ୍ନ ପ୍ରକାରର ବୟନ ପ୍ରଣାଳୀର ତାଲିକା ପ୍ରସ୍ତୁତ କର ।

## ଶିକ୍ଷକଙ୍କ ପାଇଁ ଟିପ୍ପଣୀ

୧. ବିଦ୍ୟାର୍ଥୀଙ୍କୁ କେତେଗୁଡ଼ିଏ ନମୁନା ଦେଖାଇ ତା'ଭିତରୁ ବୟନ ନମୁନା ଓ କଣ୍ଢାବୁଣା ନମୁନାକୁ ଚିହ୍ନଟ କରି ଅଲଗା କରିବା ପାଇଁ କୁହାଯାଇପାରେ ।

## ଅଧିକ ଜାଣିବା ପାଇଁ

ଗୃହ ବିଜ୍ଞାନ ବହି – ୧ର ପାଠ ବିଷୟ ୧୦ ଦ୍ରଷ୍ଟବ୍ୟ ।

# ପ୍ରୟୋଗ ସଂଖ୍ୟା – ୩

## ଲକ୍ଷ୍ୟ :

ପ୍ରାଥମିକ ଚିକିତ୍ସା ବାକ୍ସ ପ୍ରସ୍ତୁତ କରିବା ।

## ଉଦ୍ଦେଶ୍ୟ


ଏହି ପ୍ରୟୋଗ କରିବା ପରେ ତୁମେ :

- ଘରେ ଆକସ୍ମିକ ଦୁର୍ଘଟଣା ସମ୍ଭାଳିବା ପାଇଁ ଆବଶ୍ୟଟକ ପ୍ରାଥମିକ ଉପକରଣଗୁଡ଼ିକର ତାଲିକା କରିପାରିବ;
- ଆବଶ୍ୟକ ଜିନିଷଗୁଡ଼ିକ ପାଇବାର ଉତ୍ସକୁ ଚିହ୍ନଟ କରିପାରିବ;
- ପ୍ରାଥମିକ ଚିକିତ୍ସା ବାକ୍ସରେ ଦରକାରୀ ଜିନିଷଗୁଡ଼ିକ ସଂଗ୍ରହ କରିପାରିବ;
- କେତେକ ବିଶେଷତ୍ୱକୁ ଅନ୍ତର୍ଭୁକ୍ତ କରି ପ୍ରାଥମିକ ଚିକିତ୍ସା ବାକ୍ସକୁ ଅଧିକ ଫଳପ୍ରଦ କରିପାରିବ ।

## ଆବଶ୍ୟକୀୟ ଉପକରଣ :

ଗୋଟିଏ ବାକ୍ସ, ବ୍ୟାଣ୍ଡଏଡ୍, ଡେଟଲ କିମ୍ବା ଯେକୌଣସି ଜୀବାଣୁ ରୋଧକ ମଲମ, ଛୋଟ କଇଁଚି, ବ୍ୟାଣ୍ଡେଜ୍, ତୁଳା, ଯନ୍ତ୍ରଣା ନିବାରକ ବଟିକା ଯେପରି ଆସ୍‌ପ୍ରିନ୍ ଓ ଥର୍ମୋମିଟର ।

## କାର୍ଯ୍ୟ ପ୍ରଣାଳୀ :



୧. ଘରେ ଥିବା ଯେକୌଣସି ଗୋଟିଏ ବାକ୍ସ ନିଅ ।
୨. ପ୍ରଥମେ ଘରେ ଥିବା ଜିନିଷଗୁଡ଼ିକ ସଂଗ୍ରହ କର ।
୩. ଘରେ ନଥିବା ଜିନିଷ କିଣ ।
୪. ବାକ୍ସ ଭିତରେ ସବୁ ଜିନିଷ ରଖ ।
୫. ବାକ୍ସଟିକୁ ହାତ ପାହାନ୍ତାରେ ରଖ ।

## ସାବଧାନତା

୧. ଔଷଧର ଅନ୍ତିମ ଅବଧିକୁ ଯାଞ୍ଚ କର ।
୨. ବାକ୍ସଟିକୁ ପିଲାମାନଙ୍କ ହାତ ପାହାନ୍ତାରେ ରଖିବା ଉଚିତ୍ ନୁହେଁ ।
୩. ତୁଳା, ବ୍ୟାଣ୍ଡେଜ୍ ଏବଂ ବାକ୍ସଟି ଜୀବାଣୁ ମୁକ୍ତ ହେବା ଆବଶ୍ୟକ ।

## ସମ୍ବନ୍ଧିତ ପ୍ରଶ୍ନାବଳୀ

୧. ପ୍ରାଥମିକ ଚିକିତ୍ସା ପାଇଁ ଆବଶ୍ୟକ ପାଞ୍ଚୋଟି ଜିନିଷର ତାଲିକା କର ।
୨. ପରିଷ୍କାର ବ୍ୟାଣ୍ଡେଜ ରଖିବା କ'ଣ ପାଇଁ ଗୁରୁତ୍ୱପୂର୍ଣ୍ଣ ।
୩. ପ୍ରାଥମିକ ଚିକିତ୍ସା ବାକ୍ସରେ କଇଁଚି କେଉଁ କାମରେ ଲାଗେ ?

## ଶିକ୍ଷକଙ୍କ ପାଇଁ ଟିପ୍ପଣୀ

୧. ଟେବୁଲ ଉପରେ ରଖାଯାଇଥିବା କେତେଗୁଡ଼ିଏ ଜିନିଷ ମଧ୍ୟରୁ ଉପଯୁକ୍ତ ଜିନିଷ ବାଛି ବିଦ୍ୟାର୍ଥୀଙ୍କୁ ପ୍ରାଥମିକ ଚିକିତ୍ସା ବାକ୍ସଟି ପ୍ରସ୍ତୁତ କରିବା ପାଇଁ କୁହାଯାଇପାରେ ।
୨. ବିଦ୍ୟାର୍ଥୀଙ୍କୁ ପ୍ରାଥମିକ ଚିକିତ୍ସା ବାକ୍ସଟିଏ ଦେଖାଇ ସେଥିରେ ନଥିବା ଜିନିଷଗୁଡ଼ିକର ତାଲିକା କରିବାକୁ କୁହାଯାଇପାରେ ।

## ଅଧିକ ଜାଣିବା ପାଇଁ

ଗୃହ ବିଜ୍ଞାନ – ପୁସ୍ତକ ୨ ଭାଗ, ବିଷୟ–୧୩ ଦ୍ରଷ୍ଟବ୍ୟ ।

# ପ୍ରୟୋଗ ସଂଖ୍ୟା – ୪

## ଲକ୍ଷ୍ୟ :

ତୁମ ପରିବାରର ଗୋଟିଏ ମାସର ବ୍ୟୟ ଯୋଜନାକୁ ଅଧ୍ୟୟନ କରି ଲିପିବଦ୍ଧ କରିବା ।

## ଉଦ୍ଦେଶ୍ୟ

ଏହି ପ୍ରୟୋଗକୁ କରିବା ପରେ ତୁମେ :

- ବ୍ୟୟ ଯୋଜନା ଲେଖିବାର କୁଶଳତା ବିକାଶ କରିପାରିବ ;
- ଅଯଥା ଖର୍ଚ୍ଚ ଏଡାଇବା ପାଇଁ ସଚେତନ ହୋଇପାରିବ;
- ଜରୁରୀ ପରିସ୍ଥିତିବେଳେ ବ୍ୟୟ ଯୋଜନାକୁ ପରିବର୍ତ୍ତନ କରିବାର ପ୍ରସ୍ତାବ ଦେଇପାରିବ ।

## ଆବଶ୍ୟକୀୟ ଉପକରଣ :

କଲମ, ଖାତା, କାଗଜ, ପେନ୍‌ସିଲ୍ ।

## କାର୍ଯ୍ୟ ପ୍ରଣାଳୀ :

୧. ବ୍ୟୟ ଯୋଜନା ପ୍ରସ୍ତୁତ କରିବା ପାଇଁ ତଳେ ଦିଆଯାଇଥିବା ଶୀର୍ଷକଗୁଡ଼ିକୁ ଉପଯୋଗ କର ।

୨. ପ୍ରତିଦିନ ପ୍ରତ୍ୟେକ ଖର୍ଚ୍ଚ ଲେଖି ରଖ ।

୩. ମାସ ଶେଷରେ ଏହାକୁ ମିଶାଅ ।

| ଶୀର୍ଷକ ↓ ଦିବସ → | ସାପ୍ତାହିକ ଖର୍ଚ୍ଚ | | | | | | | |
|---|---|---|---|---|---|---|---|---|
| | ରବିବାର | ସୋମବାର | ମଙ୍ଗଳବାର | ବୁଧବାର | ଗୁରୁବାର | ଶୁକ୍ରବାର | ଶନିବାର | ସମୁଦାୟ |
| ୧. ଖାଦ୍ୟ | | | | | | | | |
| କ୍ଷୀର | | | | | | | | |
| ସଉଦାପତ୍ର | | | | | | | | |
| ପରିବା ଏବଂ ଫଳ | | | | | | | | |
| ୨. ପୋଷାକପତ୍ର | | | | | | | | |
| ୩. ଗୃହ | | | | | | | | |
| ୪. ଶିକ୍ଷା | | | | | | | | |
| ୫. ସ୍ୱାସ୍ଥ୍ୟ | | | | | | | | |
| ୬. ମନୋରଞ୍ଜନ | | | | | | | | |
| ୭. ଅନ୍ୟାନ | | | | | | | | |
| ୮. ସଞ୍ଚୟ | | | | | | | | |
| ସମୁଦାୟ | | | | | | ଟ. | | |

## ସାବଧାନତା

ପ୍ରତ୍ୟେକ ଖର୍ଚ୍ଚର ଶୀର୍ଷକକୁ ପ୍ରତିଦିନ ନିର୍ଭୁଲ ଭାବରେ ଲେଖ ।

## ଉପସଂହାର

୧. ଶେଷରେ ସମୁଦାୟ ଖର୍ଚ୍ଚକୁ ମିଶାଇବା ପରେ ତାହା ଯଥାର୍ଥ କି ନୁହେଁ ଉପଯୁକ୍ତ କାରଣ ସହ ଦର୍ଶାଅ ।

୨. ଖର୍ଚ୍ଚ ନିମନ୍ତେ ଖର୍ଚ୍ଚର ପରିବର୍ତ୍ତନ ଦର୍ଶାଅ ।

## ସମ୍ବନ୍ଧିତ ପ୍ରଶ୍ନାବଳୀ

୧. ସବୁଠାରୁ ଅଧିକ ଓ ସବୁଠାରୁ କମ୍ ଖର୍ଚ୍ଚ ହୋଇଥିବା ତିନୋଟି ବିଷୟର ତାଲିକା କର ।

୨. ମନୋରଞ୍ଜନ ନିମନ୍ତେ କିଛି ଅର୍ଥ ସଞ୍ଚୟ କରିବା କ'ଣ ପାଇଁ ଗୁରୁତ୍ୱପୂର୍ଣ୍ଣ ?

୩. ସଞ୍ଚୟ କାହିଁକି ଗୁରୁତ୍ୱପୂର୍ଣ୍ଣ ?

୪. ବ୍ୟୟର କେଉଁ ଶୀର୍ଷକରେ ଖର୍ଚ୍ଚକାଟ କରିବା କଷ୍ଟକର ?

୫. ଖାଦ୍ୟରେ ଖର୍ଚ୍ଚକୁ କମେଇବା ପାଇଁ ତିନୋଟି ଉପାୟ ଲେଖ ।

**ଅଧିକ ଜାଣିବା ପାଇଁ :** ଗୃହ ବିଜ୍ଞାନ-୨, ପାଠ ବିଷୟ - ୧୬ ଦ୍ରଷ୍ଟବ୍ୟ



# ପ୍ରୟୋଗ ସଂଖ୍ୟା – ୫

## ଲକ୍ଷ୍ୟ :

ଏକ ପାରିବାରିକ ଉତ୍ସବର ଆୟୋଜନ କଲାବେଳେ ପରିଚାଳନା ପ୍ରକ୍ରିୟାର ସୋପାନଗୁଡ଼ିକୁ ଲିପିବଦ୍ଧ କରି ରଖିବା ।

## ଉଦ୍ଦେଶ୍ୟ

ଏହି ପ୍ରୟୋଗ କରିବା ପରେ ତୁମେ :

- ଗୋଟିଏ ଉତ୍ସବ ଆୟୋଜନ କଲାବେଳେ ପରିଚଳନାର ବିଭିନ୍ନ ସୋପାନଗୁଡ଼ିକ ଚିହ୍ନଟ କରିପାରିବ;
- ପାରିବାରିକ ସମ୍ବଳଗୁଡ଼ିକ ଉପଯୋଗ କରି ଉତ୍ସବକୁ ସୁଶୃଙ୍ଖଳ ଭାବେ ସଂଗଠିତ କରିପାରିବ;
- ଉତ୍ସବର ସଫଳତା କିମ୍ବା ବିଫଳତାର ମୂଲ୍ୟାୟନ କରିପାରିବ ।

## ଆବଶ୍ୟକୀୟ ଉପକରଣ :

କଲମ ଓ କାଗଜ ।

## କାର୍ଯ୍ୟ ପ୍ରଣାଳୀ :

ଘଟଣା ତାରିଖର ବହୁଦିନ ଆଗରୁ କାଗଜରେ ଉତ୍ସବର ଯୋଜନା କରି ଲେଖ । ନିମ୍ନରେ ଥିବା ଟେବୁଲ୍‌ଟିକୁ ସମ୍ପୂର୍ଣ୍ଣରୂପେ ପୂରଣ କର । ଯଦି କାହାକୁ କୌଣସି କାର୍ଯ୍ୟର ଦାୟିତ୍ୱ ଦେବାକୁ ଥାଏ, ତାହାକୁ ମଧ୍ୟ ନିମ୍ନଲିଖିତ ଟେବୁଲରେ ଲେଖ ।

## ନିରୀକ୍ଷଣ ଟେବୁଲ

ଲକ୍ଷ୍ୟ : ଏହି ଉତ୍ସବର ଲକ୍ଷ୍ୟ କ'ଣ ଲେଖ ।

| ଯୋଜନା | ସଂଗଠନ | କାର୍ଯ୍ୟ ସାଧନ | ମୂଲ୍ୟ ନିରୂପଣ |
|---|---|---|---|
| | | | |

## ସାବଧାନତା



୧. ତୁମ ଲକ୍ଷ୍ୟକୁ ଭଲ ଭାବରେ ଅବଗତ ହୁଅ ।

୨. ନିର୍ଭୁଲ ଭାବରେ ପ୍ରତ୍ୟେକ ସୋପାନର ଯୋଜନା କର ।

୩. ଯୋଜନାକୁ ଅନୁସରଣ କର ।

କିମ୍ବା

ତୁମ ପାଖରେ ହେଉଥିବା କୌଣସି ଉତ୍ସବକୁ ଅନୁଧ୍ୟାନ କର ଏବଂ ଏହାକୁ ନିମ୍ନରେ ଦିଆଯାଇଥିବା ତାଲିକା ଅନୁଯାୟୀ ପ୍ରସ୍ତୁତ କର ।

- ଉତ୍ସବ ଆରମ୍ଭର ସମୟ
- ଉତ୍ସବର ବିଭିନ୍ନ ସୋପାନ
- ଏହାର ପୁରାପୁରି ପରିଚାଳନା
- ସ୍ଥାନ – ପରିବେଶ
  – ସାଜସଜ୍ଜା

ଏହି ଉତ୍ସବ ପରିଚାଳନାରେ କି କି ଉନ୍ନତିମୂଳକ ପରିବର୍ତ୍ତନ ଅଣାଯାଇପାରିଥାନ୍ତା ଲେଖ ।

## ଉପସଂହାର

ଉତ୍ସବଟି ଶେଷ ହେବା ପରେ ତା'ର ମୂଲ୍ୟାୟନ କର ।

## ମୂଲ୍ୟାୟନ ପାଇଁ ନିର୍ଣ୍ଣାୟକ

ଉତ୍ସବର ସମସ୍ତ ଭାଗ ତଥା ପ୍ରତ୍ୟେକଟି ଘଟଣା ବିନା ବାଧା ବିଘ୍ନରେ ସୁରୁଖୁରୁରେ ହୋଇପାରିଅଛି ।

## ସମ୍ବନ୍ଧିତ ପ୍ରଶ୍ନାବଳୀ

୧. ଯୋଜନା କରିବା ପୂର୍ବରୁ ଭଲ ଭାବରେ ଲକ୍ଷ୍ୟ ସ୍ଥିର କରିବା କାହିଁକି ଅତ୍ୟାବଶ୍ୟକ ?

୨. ମୂଲ୍ୟନିରୂପଣ କାହିଁକି ଗୁରୁତ୍ୱପୂର୍ଣ୍ଣ ?

୩. ଅନ୍ୟମାନଙ୍କୁ କାର୍ଯ୍ୟଭାର ଦେବାର ଦୁଇଟି ସୁବିଧା ଓ ଦୁଇଟି ଅସୁବିଧା ଦର୍ଶାଅ ।

୪. ତୁମେ ଅନ୍ୟମାନଙ୍କୁ ଦେଇଥିବା ଦାୟିତ୍ୱକୁ କିପରି ସେମାନେ ଠିକ୍‌ରେ ତୁଲାଇବେ ଲେଖ ।

## ଶିକ୍ଷକଙ୍କ ପାଇଁ ଟିପ୍ପଣୀ

୧. ବିଦ୍ୟାର୍ଥୀଙ୍କୁ ବିଭିନ୍ନ ଲକ୍ଷ୍ୟ କୁହାଯାଇ ତାହା ହାସଲ କରିବା ପାଇଁ ଯୋଜନା ପ୍ରସ୍ତୁତ କରିବାକୁ କୁହାଯାଇପାରେ ।

## ଅଧିକ ଜାଣିବା ପାଇଁ

ଗୃହ ବିଜ୍ଞାନ – ୨ ପାଠ, ବିଷୟ–୧୪ ଦ୍ରଷ୍ଟବ୍ୟ ।

# ପ୍ରୟୋଗ ସଂଖ୍ୟା – ୬

## ଲକ୍ଷ୍ୟ :

ବିଦ୍ୟାଳୟ ଯାଉଥିବା ଦୁଇ ପିଲା ଥିବା ଏକ ଗୃହିଣୀଙ୍କ ପାଇଁ ଏକ ନର୍ଦ୍ଦିଷ୍ଟ ସନ୍ଧ୍ୟା ସମୟର (୪ଟା ରୁ ୮ଟା ପର୍ଯ୍ୟନ୍ତ) କାର୍ଯ୍ୟ ଯୋଜନା କରିବା ।

## ଉଦ୍ଦେଶ୍ୟ

ଏହି ପ୍ରୟୋଗ କରିବା ପରେ ତୁମେ :

- ଏକ ନିର୍ଦ୍ଦିଷ୍ଟ ସନ୍ଧ୍ୟା ସମୟରେ କରାଯାଉଥିବା ସମସ୍ତ କାମକୁ ଚିହ୍ନଟ କରିପାରିବ;
- କାର୍ଯ୍ୟକଳାପଗୁଡ଼ିକ ପର୍ଯ୍ୟାୟକ୍ରମରେ କରିପାରିବ;
- କେତେବେଳେ ଓ କିପରି ଅନ୍ୟମାନଙ୍କର ସାହାଯ୍ୟ ନିଆଯାଇପାରେ ତାହା ସ୍ଥିର କରିପାରିବ ।

## ଆବଶ୍ୟକୀୟ ଉପକରଣ :

କଲମ ଏବଂ କାଗଜ

## କାର୍ଯ୍ୟ ପ୍ରଣାଳୀ :


୧. ନିର୍ଦ୍ଦିଷ୍ଟ ସମୟ ଭିତରେ କରାଯିବା କାମଗୁଡ଼ିକର ତାଲିକା କର । ଯେମିତି ପିଲାମାନଙ୍କୁ ପାର୍କକୁ ନେବା / ସଙ୍ଗୀତ ଶ୍ରେଣୀକୁ ନେବା / ଦୋକାନ ବଜାରରୁ କିଣାକିଣି କରିବା, ପିଲାମାନଙ୍କ ଘରେ ପାଠ ପଢ଼ାଇବା, ରୋଷେଇ କରିବା, ଆସନ୍ତାକାଲି ପାଇଁ ପ୍ରସ୍ତୁତ ହେବ ।

୨. ପ୍ରତ୍ୟେକ କାର୍ଯ୍ୟ ପାଇଁ ଆବଶ୍ୟକ ସମୟ ଅନୁମାନକରି ନିର୍ଦ୍ଧାରଣ କର ଓ ତା'ପରେ କାର୍ଯ୍ୟଗୁଡ଼ିକୁ ଗୋଟିଏ ପରେ ଗୋଟିଏ ବା ପର୍ଯ୍ୟାୟକ୍ରମେ ଲେଖ ।

୩. ଅନ୍ୟମାନଙ୍କୁ କିଛି କାମ ଦେଇ ତୁମ କାର୍ଯ୍ୟ ଭାରକୁ କମେଇ ଦେଇ ପାରିବ କି ନାହିଁ ଦେଖ ।

୪. ସମୟ ଯୋଜନାକୁ ଯାଞ୍ଚ କର । ଯୋଜନା ଆବଶ୍ୟକ କାର୍ଯ୍ୟଗୁଡ଼ିକ ସହ ମେଳ ଖାଉଥିବା ଉଚିତ୍ ।

୫. କାର୍ଯ୍ୟ କରିସାରିବା ପରେ ସମୟ ଯୋଜନାର ମୂଲ୍ୟାୟନ କର ।



## ନିରୀକ୍ଷଣ ଟେବୁଲ

ସମୟ ଯୋଜନା

| ସମୟ | କାର୍ଯ୍ୟ | ମୂଲ୍ୟାୟନ |
|---|---|---|
| | | |

## ସାବଧାନତା

୧. ସହଜରେ ଅନୁସରଣ କରି ନପାରିବା ଭଳି ସମୟ ଯୋଜନା କର ନାହିଁ ।

୨. ଜରୁରୀ ପରିସ୍ଥିତି ଓ ସନୋରଞ୍ଜନ ନିମନ୍ତେ କିଛି ସମୟ ରଖ ।

୩. କାମ ବ୍ୟାବହାରିକ ଓ କାର୍ଯ୍ୟ ସାଧ ହେବା ଉଚିତ୍ ।

## ଉପସଂହାର

ଯୋଜନାକୁ ତର୍ଜମା କରି ଅଧ୍ୟୟନ କର ଓ ତାକୁ ଉନ୍ନତ କରିବା ପାଇଁ ପ୍ରସ୍ତାବ ଦିଅ ।

## ମୂଲ୍ୟାୟନ ପାଇଁ ନିର୍ଣ୍ଣାୟକ

ଗୋଟିଏ ଭଲ ସମୟ ଯୋଜନାରେ ବିଶ୍ରାମ ସହ ସବୁ କାର୍ଯ୍ୟ ପାଇଁ ସମୟ ଥାଏ ।

## ସମ୍ବନ୍ଧିତ ପ୍ରଶ୍ନାବଳୀ

୧. ସମୟ ଯୋଜନା କିପରି ସାହାଯ୍ୟ କରେ ?

୨. ତୁମେ ସମୟର ଯଥାର୍ଥ ନିର୍ଦ୍ଧାରଣ କେମିତି କରିବ ?

୩. କାର୍ଯ୍ୟରେ ପ୍ରତିନିଧି ନିଯୋଗ ବା ଅନ୍ୟର ସାହାଯ୍ୟ ନେବା କାହିଁକି ଗୁରୁତ୍ୱପୂର୍ଣ୍ଣ ?

## ଶିକ୍ଷକଙ୍କ ପାଇଁ ଟିପ୍ପଣୀ

୧. ବିଦ୍ୟାର୍ଥୀଙ୍କୁ ପରିବାରର ସଦସ୍ୟମାନଙ୍କ ପାଇଁ ସମୟ ଯୋଜନା କରିବା ପାଇଁ କୁହାଯାଇପାରେ ।

୨. ବିଦ୍ୟାର୍ଥୀଙ୍କୁ ତାଙ୍କ ନିଜ ପାଇଁ ସାରାଦିନର ସମୟ ଯୋଜନା କରିବା ପାଇଁ କୁହାଯାଇପାରେ ।

## ଅଧିକ ଜାଣିବା ପାଇଁ

ଗୃହ ବିଜ୍ଞାନ – ଭାଗ ୨ର ପାଠ ବିଷୟ–୧୫ ଦ୍ରଷ୍ଟବ୍ୟ ।

# ପ୍ରୟୋଗ ସଂଖ୍ୟା – ୭

## ଲକ୍ଷ୍ୟ :

ନିମ୍ନରେ ଦିଆଯାଇଥିବା ଗୁଣାତ୍ମକ ଚିହ୍ନ ନେଇ ଏକ ଉତ୍ପାଦ ନିମନ୍ତେ ସୂଚନା ପତ୍ର ପ୍ରସ୍ତୁତ କରିବା ।

(କ) ଆଇ.ଏସ୍.ଆଇ (ISI)

(ଖ) ଏଫ୍.ପି.ଓ (FPO)

(ଗ) ଆଗମାର୍କ (AGMARK)

## ଉଦ୍ଦେଶ୍ୟ

ଏହି ପ୍ରୟୋଗ କରିବା ପରେ ତୁମେ :

- ଗୋଟିଏ ଉତ୍ପାଦ ଉପରେ କୌଣସି ସୂଚନା ଛପାଯିବ ବା ଖୋଦେଇ ହେବ ତାହା ଚିହ୍ନଟ କରିପାରିବ;
- କିଣିବା ସମୟରେ ଗ୍ରାହକ କିପରି ଠିକ୍ ଜିନିଷ ବାଛିବେ ସେଥିପାଇଁ ଉତ୍ପାଦର ପ୍ରାସଙ୍ଗିକ ସୂଚନା ଦେଇ ସୂଚନାପତ୍ର ପ୍ରସ୍ତୁତ କରିପାରିବ;


## ଆବଶ୍ୟକୀୟ ଉପକରଣ :

କଲମ ଓ କାଗଜ

## କାର୍ଯ୍ୟ ପ୍ରଣାଳୀ :

୧. ଉତ୍କର୍ଷତା ଚିହ୍ନ ଥିବା ଗୋଟିଏ ଉତ୍ପାଦ ଚିହ୍ନଟ କର, ତାର ନାମ ଦିଅ, ଉଦାହରଣ ସ୍ୱରୂପ –

   * ଆଇ.ଏସ୍.ଆଇ ସହ ବିଜୁଳି ପଙ୍ଖା ପରି ବିଦ୍ୟୁତ୍ ସରଞ୍ଜାମ,
   * ଏଫ.ପି.ଓ ଚିହ୍ନ ସହ ଜାମ୍ ପରି ଫଳଜାତ ପଦାର୍ଥ,
   * ଆଗମାର୍କ ଚିହ୍ନ ସହ ଗହମ, ଅଟା ପରି କୃଷିଜାତ ଦ୍ରବ୍ୟ ।



୨. ସୂଚନାପତ୍ରରେ ଦିଆଯିବା ବିବରଣୀଗୁଡ଼ିକର ତାଲିକା ପ୍ରସ୍ତୁତ କର । ସୂଚନା ପତ୍ରଗୁଡ଼ିକରେ ନିମ୍ନଲିଖିତ ସୂଚନା ଦିଆଯିବା ଉଚିତ୍ ।

   (କ) ଉତ୍ପାଦ ନାମ ।

   (ଖ) ବ୍ୟବସାୟ ଓ ବ୍ରାଣ୍ଡର ନାମ ।

   (ଗ) ପ୍ରସ୍ତୁତକର୍ତ୍ତାଙ୍କର ନାମ ଓ ଠିକଣା ।

   (ଘ) ଉପାଦାନ / ସୂଚୀପତ୍ର ।

   (ଙ) ଉତ୍ପାଦର ବ୍ୟବହାର ।

(ଚ) ଉତ୍ପାଦ ବ୍ୟବହାର ସମୟରେ ସାବଧାନତା ।

(ଛ) ପାଚନଧର୍ମୀ ଉତ୍ପାଦର ପ୍ରସ୍ତୁତି ତାରିଖ ଓ ଅନ୍ତିମ ଅବଧି ତାରିଖ ।

(ଜ) ନିର୍ଭରୋକ୍ତି ଅବଧି (Guarantee period)

(ଝ) ଉତ୍ପାଦ ମୂଲ୍ୟ (MRP)

୩. ଉପରେ ଦିଆଯାଇଥିବା ସୂଚନା ପ୍ରତ୍ୟେକ ଉତ୍ପାଦ ପାଇଁ ଲେଖ ।

୪. ତୁମ ସୂଚନାପତ୍ରର ଆକାର ସ୍ଥିର କର ।

୫. ପ୍ରସ୍ତୁତ ସୂଚନାପତ୍ର ଉତ୍ପାଦ ଉପରେ କିମ୍ବା ପୁଡ଼ିଆ ଉପରେ ଛପା ବା ଖୋଦେଇ କରାଯାଇପାରେ ।

୬. ଗ୍ରାହକଙ୍କ ଧ୍ୟାନ ଆକର୍ଷଣ ନିମନ୍ତେ ସମସ୍ତ ସୂଚନାଗୁଡ଼ିକ ଅଭିନବ ଭାବରେ ସଜାଡ଼ି ଲେଖ ।

## ସାବଧାନତା

୧. ସୂଚନାପତ୍ର ଉପରେ ସମସ୍ତ ସୂଚନା ପରିଷ୍କାର ଭାବରେ ଲେଖ ।

୨. ସୂଚନାପତ୍ର ଉପରେ ଠିକ୍ ସୂଚନା ଦେବାକୁ ପଛାଅ ନାହିଁ ।

୩. ସମସ୍ତ ସୂଚନା ସଂକ୍ଷୀପ୍ତ ଭାବରେ ସଜାଡ଼ି ଲେଖ ।

୪. ଉତ୍ପାଦର ଆକାରକୁ ଧ୍ୟାନ ରଖ ।

## ମୂଲ୍ୟ ନିରୂପଣ ପାଇଁ ନିର୍ଣ୍ଣାୟକ

ଉତ୍ତମ ସୂଚନାପତ୍ରରେ ସମସ୍ତ ଆବଶ୍ୟକ ସୂଚନା ଛପା ହୋଇଥାଏ ଯାହାଫଳରେ କି ଜଣେ ଗ୍ରାହକ ତାକୁ ସୁବିଧାରେ ପଢ଼ିପାରେ ।

## ସମ୍ବନ୍ଧିତ ପ୍ରଶ୍ନାବଳୀ

୧. ସୂଚନା ପତ୍ରରେ ପ୍ରସ୍ତୁତ କର୍ତ୍ତାଙ୍କର ନାମ ଓ ଠିକଣା ରହିବା, କ'ଣ ପାଇଁ ଗୁରୁତ୍ୱପୂର୍ଣ୍ଣ ଅଟେ ।

୨. ଉତ୍ପାଦନର ପ୍ରସ୍ତୁତି ତାରିଖ ଓ ଅନ୍ତିମ ଅବଧି ତାରିଖ ନିର୍ଦ୍ଦେଶ କରିବାର ଉଦ୍ଦେଶ୍ୟ କ'ଣ ?

୩. ଉତ୍ପାଦନ ଉପରେ ସୂଚନା ପତ୍ର ରହିବା କାହିଁକି ଦରକାର ?

## ଶିକ୍ଷକଙ୍କ ପାଇଁ ଟିପ୍ପଣୀ

୧. ଗୋଟିଏ ଉତ୍ପାଦର ପ୍ରଦର୍ଶନ ନିମନ୍ତେ ବିଦ୍ୟାର୍ଥୀଙ୍କୁ ସୂଚନା ପତ୍ର ପ୍ରସ୍ତୁତ କରିବା ପାଇଁ କୁହାଯାଇପାରେ ।

୨. ବିଦ୍ୟାର୍ଥୀଙ୍କୁ ଗୋଟିଏ ଅସଂପୂର୍ଣ୍ଣ ସୂଚନାପତ୍ର ଦେଇ ତାକୁ ସଂପୂର୍ଣ୍ଣ କରିବା ପାଇଁ କୁହାଯାଇପାରେ ।

୩. ବିଦ୍ୟାର୍ଥୀଙ୍କୁ ଗୋଟିଏ ଭୁଲ ସୂଚନାପତ୍ର ଦେଇ ଠିକ୍ କରିବା ପାଇଁ କୁହାଯାଇପାରେ ।

## ଅଧିକ ଜାଣିବା ପାଇଁ

ଗୃହ ବିଜ୍ଞାନ – ଭାଗ ୨ର ପାଠ ବିଷୟ–୨୨ ଦ୍ରଷ୍ଟବ୍ୟ ।

କିମ୍ବା

## * ଲକ୍ଷ୍ୟ :

ନିମ୍ନରେ ଦିଆଯାଇଥିବା ଉତ୍ପାଦମାନଙ୍କ ମଧ୍ୟରୁ ଗୁଣାତ୍ମକ ଚିହ୍ନ ବାଛ ଏବଂ ସୂଚନା ପତ୍ରରେ କେଉଁ ସବୁ ସୂଚନା ଅନ୍ତର୍ଭୁକ୍ତ ହେବା ଉଚିତ୍ ଲେଖ । ଉତ୍ପାଦମାନଙ୍କ ମଧ୍ୟରୁ ୨ନମ୍ବରକୁ ବିଚାର କର ।

| କ୍ରମିକ ସଂ | ଗୁଣାତ୍ମକ ଚିହ୍ନ | ସୂଚନା ପାଇଁ ସୂଚନା ପତ୍ର |
|---|---|---|
| 1 | ଆଇ.ଏସ୍.ଆଇ (ISI) | |
| 2 | ଏଫ୍.ପି.ଓ (FPO) | |
| 3 | ଆଗମାର୍କ (AGMARK) | |

* ଭିନ୍ନକ୍ଷମ ଶିକ୍ଷାର୍ଥୀମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ।

# ପ୍ରୟୋଗ ସଂଖ୍ୟା – ୮

## ଲକ୍ଷ୍ୟ :

ଘରର ନିରାପତ୍ତା ପ୍ରତି ବିପତ୍ତି ସୃଷ୍ଟିକାରୀ ବିଷୟକୁ ଅନୁଧ୍ୟାନ କରିବା ଓ ତହିଁରେ ସୁଧାର ଆଣିବା ।

- ଚଟାଣ ପାଖରେ ପ୍ଲଗ ପଏଣ୍ଟ ।
- ଫିନାଇଲ୍, କୀଟନାଶକ ଔଷଧ ଓ ଔଷଧ ପାଇଁ ଜାଗା ।
- ଛାତ ଉପରେ ପାରାପୀଠ ବା ଧାର ।
- ସିଡ଼ିର ରେଲିଂ ।


## ଉଦ୍ଦେଶ୍ୟ

ଏହି ପ୍ରୟୋଗ କରିବା ପରେ ତୁମେ :

- ଘରର ନିରାପତ୍ତା ବିପତ୍ତି ସୃଷ୍ଟିକାରୀ ବିଷୟରେ ସଚେତନ ହୋଇପାରିବ;
- ଘରେ ଔଷଧ ଓ ବିଷାକ୍ତ ପଦାର୍ଥକୁ ରଖିବା ପାଇଁ ନିରାପଦ ଜାଗା ଚିହ୍ନଟ କରିପାରିବ;
- ଛାତ ଉପରେ ରେଲିଂ, ପାରାପୀଠ, ଗାଧୁଆଘର ଓ ରୋଷେଇ ଘର ଚଟାଣ ପାଇଁ ସୁରକ୍ଷାତ୍ମକ ପଦକ୍ଷେପ ବିଷୟରେ କହିପାରିବ ।

## ଆବଶ୍ୟକୀୟ ଉପକରଣ :

କଲମ ଓ କାଗଜ




## କାର୍ଯ୍ୟ ପ୍ରଣାଳୀ :

ଘରର ନିରାପତ୍ତା ପ୍ରତି ବିପତ୍ତି ସୃଷ୍ଟିକାରୀ ବିଷୟ ସନ୍ଧାନ କରିବା ନିମନ୍ତେ ନିମ୍ନଲିଖିତ ବିଷୟ ଉପରେ ନଜର ପକାଅ । ହଁ ଏବଂ ନାହିଁରେ ଠିକ୍ ଚିହ୍ନ (✓) ଦିଅ ।

| | | କ୍ର.ସଂ | ହଁ | ନାହିଁ |
|---|---|---|---|---|
| ପ୍ଲଗ ପଏଣ୍ଟ | ୧. ଚଟାଣ ପାଖରେ ପ୍ଲଗ ପଏଣ୍ଟ ଅଛି କି ? | ୧ | | |
| | ୨. ପ୍ଲଗ ପଏଣ୍ଟରେ ଆଇ.ଏସ୍.ଆଇ ଚିହ୍ନ ଅଛିକି ? | ୨ | | |
| | ୩. ପ୍ଲଗ ପଏଣ୍ଟରେ ଘୋଡ଼ଣୀ ଅଛି କି ? | ୩ | | |
| | ୪. ଉପକରଣଗୁଡ଼ିକରେ ଠିକ୍ ତାର ଓ ପଏଣ୍ଟ ଅଛି କି ? | ୪ | | |
| | ୫. ବିଦ୍ୟୁତ ସଂଯୋଗ ସହ ଭୂତଳ ସଂଯୋଜକ ଅଛି କି ନାହିଁ ? | ୫ | | |
| ଗନ୍ତାଘର | ୬. ଫିନାଇଲ୍, ଔଷଧ, କୀଟନାଶକ ଔଷଧ ଅଲଗା ଅଲଗା ଥାକରେ ଅଛି କି ? | ୬ | | |
| | ୭. ଏହି ସବୁ ଜିନିଷରେ ସୂଚନା ପତ୍ର ଅଛି କି ? | ୭ | | |
| ଛାତ | ୮. ଛାତ ଉପରେ ବାଡ଼ ନିରାପତ ଅଟେ କି ? | ୮ | | |
| | ୯. ଏହା ପିଲାମାନଙ୍କ ପାଇଁ ନିରାପଦ ଅଟେ କି ? (ଖୋଲା/ଜାଲିଲଗା/ନିବୁଜ?) | ୯ | | |
| ସିଡ଼ି | ୧୦. ସିଡ଼ିରେ ରେଲିଂ ଅଛି କି ? | ୧୦ | | |
| | ୧୧. ରେଲିଂ ପିଲାମାନଙ୍କ ପାଇଁ ନିରାପଦ ଅବସ୍ଥାରେ ଅଛି କି ? | ୧୧ | | |
| ଚଟାଣ | ୧୨. ଗାଧୁଆ ଘର ଓ ରୋଷେଇ ଘର ଚଟାଣ ଶୁଖିଲା ଅଛି କି ? | ୧୨ | | |
| | ୧୩. ଚଟାଣରେ ପାପୋଛ ପଡ଼ିଛି କି ନାହିଁ ? | ୧୩ | | |
| | ୧୪. ଚଟାଣରେ ଅଳିଆମଳିଆ ଜିନିଷ ପଡ଼ି ଅପରିଷ୍କାର ହୋଇଛି ନା ପରିଷ୍କାର ଅଛି ? | ୧୪ | | |

## ସାବଧାନତା

ସମସ୍ତ ନିରାପତ୍ତା ସୂଚନା ତର୍ଜମା କରି ଭଲ ଭାବରେ ପରୀକ୍ଷା କର ।



## ଉପସଂହାର

ଭଲ ଭାବରେ ପରୀକ୍ଷା କରିଥିବା ବିଷୟଗୁଡ଼ିକରେ ସୁଧାର ଆଣିବା ପାଇଁ ପ୍ରସ୍ତାବ ଦିଅ ।

## ସମ୍ବନ୍ଧିତ ପ୍ରଶ୍ନାବଳୀ

୧. ଆଇ.ଏସ୍.ଆଇ ଚିହ୍ନଥିବା ବୈଦ୍ୟୁତିକ ପ୍ଲଗ ବ୍ୟବହାରର ଉପକାରୀତା କ'ଣ ?

୨. ଆମେ ଔଷଧ, ଫିନାଇଲ, କୀଟନାଶକ ଔଷଧ ରଖିବା ପାଇଁ କାହିଁକି ଉଚିତ୍ ଜାଗା ଆବଶ୍ୟକ କରୁ ?

## ଶିକ୍ଷକଙ୍କ ପାଇଁ ଟିପ୍ପଣୀ

୧. ବିଦ୍ୟାର୍ଥୀମାନଙ୍କୁ ଚିତ୍ରରେ ଗୋଟିଏ ପରିସ୍ଥିତି ଦେଖାଇ ତାର ନିରାପତ୍ତା ବିଷୟରେ ମନ୍ତବ୍ୟ ଦେବା ପାଇଁ କୁହାଯାଇପାରେ ।

## ଅଧିକ ଜାଣିବା ପାଇଁ

ଗୃହ ବିଜ୍ଞାନ – ଭାଗ ୨ର ପାଠ ବିଷୟ–୨୨ ଦ୍ରଷ୍ଟବ୍ୟ ।

# ପ୍ରୟୋଗ ସଂଖ୍ୟା – ୯

## ଲକ୍ଷ୍ୟ :

ଦିଆଯାଇଥିବା ଖାଦ୍ୟସୂଚୀ ଅନୁସାରେ ଖାଦ୍ୟବସ୍ତୁ ନିରୀକ୍ଷଣ କରିବା । ପ୍ରତ୍ୟେକ ଖାଦ୍ୟ ବସ୍ତୁକୁ ବିଭିନ୍ନ ଖାଦ୍ୟ ବର୍ଗରେ ବିଭାଜନ କରିବା । ଆହାରରେ ଦିଆଯାଇ ନଥିବା ଖାଦ୍ୟ ବସ୍ତୁକୁ ଖାଦ୍ୟ ବର୍ଗରେ ଅନ୍ତର୍ଭୁକ୍ତ କରିବା ପାଇଁ କହିବା ।

## ଉଦ୍ଦେଶ୍ୟ

ଏହି ପ୍ରୟୋଗ କରିବା ପରେ ତୁମେ :

- ଖାଦ୍ୟ ସୂଚୀରେ ଥିବା ଖାଦ୍ୟବସ୍ତୁରେ ବ୍ୟବହୃତ ମୁଖ୍ୟ ଉପାଦାନଗୁଡ଼ିକର ତାଲିକା କରିପାରିବ;
- ଏହି ଉପାଦାନଗୁଡ଼ିକୁ ବିଭିନ୍ନ ଖାଦ୍ୟବର୍ଗରେ ବର୍ଗୀକରଣ କରିପାରିବ;
- ତୁମେ ଖାଇଥିବା ମଧ୍ୟାହ୍ନ ଭୋଜନ ସୁଷମ କି ନାହିଁ ତାହା ନିର୍ଦ୍ଧାରିତ କରିପାରିବ;
- ଭୋଜନ ସୁଷମ ନହୋଇଥିଲେ ସେଥିରେ ଅନ୍ୟାନ୍ୟ ଖାଦ୍ୟ ପଦାର୍ଥ ଅନ୍ତର୍ଭୁକ୍ତ କରିବା ପାଇଁ କହିପାରିବ ।

## ଆବଶ୍ୟକୀୟ ଉପକରଣ :

କାଗଜ, କଲମ, ସ୍କେଲ୍ ଏବଂ ପ୍ରଦତ୍ତ ଖାଦ୍ୟସୂଚୀ ।

## କାର୍ଯ୍ୟ ପ୍ରଣାଳୀ :

୧. ପ୍ରଦତ୍ତ ଖାଦ୍ୟ ସୂଚୀ ନିର୍ଭୁଲ ଭାବେ ଅଧ୍ୟୟନ କର ।

୨. ଖାଦ୍ୟ ସୂଚୀରେ ଥିବା ଖାଦ୍ୟ ବସ୍ତୁରେ ବ୍ୟବହୃତ ଉପାଦାନଗୁଡ଼ିକ ଯତ୍ନର ସହିତ ତାଲିକା କର ।

୩. ପ୍ରତ୍ୟେକ ଖାଦ୍ୟବସ୍ତୁ ବିଭିନ୍ନ ଖାଦ୍ୟ ବର୍ଗରେ ବର୍ଗୀକରଣ କର ।

୪. ମଧ୍ୟାହ୍ନ ଭୋଜନରେ ନଥିବା ଖାଦ୍ୟ ବର୍ଗକୁ ଚିହ୍ନଟ କର ।

୫. ଆହାରକୁ ସୁଷମ କରିବା ନିମନ୍ତେ ସେଥିରେ ନଥିବା ଖାଦ୍ୟ ବର୍ଗର ଖାଦ୍ୟବସ୍ତୁ ଅର୍ନ୍ତଭୁକ୍ତ କରିବା ପାଇଁ ପ୍ରସ୍ତାବ ଦିଅ ।

## ଭୋଜନ ସୂଚୀ

| |
|---|
| ରାଜମା |
| ଭାତ / ଜୀରା ପଲଉ |
| ଆଳୁ ତରକାରୀ |
| କ୍ଷିରୀ |

## ନିରୀକ୍ଷଣ ଟେବୁଲ

| କ୍ର.ସଂ | ଖାଦ୍ୟସୂଚୀ | ବ୍ୟବହୃତ ଖାଦ୍ୟ | ମୁଖ୍ୟ ଉପାଦାନ | ଖାଦ୍ୟବର୍ଗ | ଅନ୍ତର୍ଭୁକ୍ତ ପାଇଁ ପ୍ରସ୍ତାବିତ ଖାଦ୍ୟବସ୍ତୁ |
|---|---|---|---|---|---|
| | | | | | |
| | | | | | |
| | | | | | |
| | | | | | |
| | | | | | |
| | | | | | |

## ସାବଧାନତା

୧. ଖାଦ୍ୟସୂଚୀ ନିର୍ଭୁଲ ଭାବରେ ଅଧ୍ୟୟନ କର ।


୨. ଖାଦ୍ୟ ପଦାର୍ଥରେ ବ୍ୟବହୃତ ପ୍ରତ୍ୟେକ ଉପାଦାନକୁ ଲିପିବଦ୍ଧ କର ।

୩. କୌଣସି ଖାଦ୍ୟବର୍ଗକୁ ଭୁଲିଯାଅ ନାହିଁ ।

## ଉପସଂହାର ଓ ଉତ୍କୃଷ୍ଟତା ନିମନ୍ତେ ସୂଚନା

୧. ଭୋଜନରେ ସବୁ ଖାଦ୍ୟବର୍ଗ ଅଛି କି ନାହିଁ ଦେଖ ।

୨. ଭୋଜନରେ ନଥିବା ଖାଦ୍ୟବର୍ଗର ଖାଦ୍ୟ ପଦାର୍ଥ ଅନ୍ତର୍ଭୁକ୍ତ କର ।



## ଏକ ଭୋଜନର ମୂଲ୍ୟ ନିରୂପଣ ପାଇଁ ନିର୍ଣ୍ଣାୟକ

ଗୋଟିଏ ସୁଷମ ଭୋଜନରେ ସବୁ ଖାଦ୍ୟବର୍ଗର ଖାଦ୍ୟପଦାର୍ଥ ରହିବା ଆବଶ୍ୟକ । ଏକ ସାଧାରଣ ସୁସ୍ଥ ଜୀବନ ପାଇଁ ତୁମ ଶରୀର ଆବଶ୍ୟକ କରୁଥିବା ସମସ୍ତ ପୋଷକତତ୍ତ୍ୱ ଏହିଭଳି ଭୋଜନରୁ ହିଁ ମିଳିଥାଏ ।

## ସମ୍ବନ୍ଧିତ ପ୍ରଶ୍ନାବଳୀ

୧. ବିଭିନ୍ନ ଖାଦ୍ୟବର୍ଗର ନାମ ଲେଖ ।

୨. ସୁଷମ ଖାଦ୍ୟ କହିଲେ କ'ଣ ବୁଝ ?

୩. ସୁଷମ ଖାଦ୍ୟର ଗୁରୁତ୍ୱ କ'ଣ ?

୪. ତୁମେ ପ୍ରତିଦିନ ଅଧିକ ଶ୍ୱେତସାର ଜାତୀୟ ଖାଦ୍ୟ ଖାଇଲେ କ'ଣ ହେବ ?

୫. ଗୋଟିଏ ମାଆ ତା' ପିଲାକୁ କ୍ଷୀର ପିଇବା ପାଇଁ କାହିଁକି ବାଧ କରେ ?

## ଶିକ୍ଷକଙ୍କ ପାଇଁ ଟିପ୍ପଣୀ

୧. ବିଦ୍ୟାର୍ଥୀଙ୍କୁ ଗୋଟିଏ ଅସନ୍ତୁଳିତ ଖାଦ୍ୟସୂଚୀ ଦିଆଯାଉ ତାକୁ ସନ୍ତୁଳିତ ବା ସୁଷମ କରିବା ପାଇଁ କୁହାଯାଇପାରେ ।

୨. ବିଦ୍ୟାର୍ଥୀ ଖାଇଥିବା ଭୋଜନ ମନେପକାଇ ତାହା ସୁଷମ କି ନାହିଁ ବୋଲି ପଚରାଯାଇପାରେ ।

## ଅଧିକ ଜାଣିବା ପାଇଁ

ଗୃହ ବିଜ୍ଞାନ – ଭାଗ ୧ର ପାଠ, ବିଷୟ–୩ ଦ୍ରଷ୍ଟବ୍ୟ ।

# ପ୍ରୟୋଗ ସଂଖ୍ୟା – ୧୦

## ଲକ୍ଷ୍ୟ :

ଗୋଟିଏ ପରିବାରର ସଦସ୍ୟମାନଙ୍କର ବୟସ, ଲିଙ୍ଗ ଓ କାର୍ଯ୍ୟକୁ ଦୃଷ୍ଟିରେ ରଖି ପ୍ରସ୍ତୁତ ଭୋଜନକୁ ଉପଯୋଗୀ କରିବା ।

## ଉଦ୍ଦେଶ୍ୟ

ଏହି ପ୍ରୟୋଗ କରିବା ପରେ ତୁମେ :

- ବ୍ୟକ୍ତିର ଶାରୀରିକ କାର୍ଯ୍ୟ, ବୟସ ଓ ଲିଙ୍ଗ ଅନୁସାରେ ଆବଶ୍ୟକୀୟ ପୁଷ୍ଟି ବିଷୟରେ ଜାଣିପାରିବ;
- ପରିବାର ପ୍ରତ୍ୟେକ ସଦସ୍ୟଙ୍କର ଆବଶ୍ୟକତା ଅନୁସାରେ ଅନୁପାତିକ ଭୋଜନ ବ୍ୟବସ୍ଥା କରିପାରିବ ।

## ଆବଶ୍ୟକୀୟ ଉପକରଣ :

କାଗଜ, କଲମ

## କାର୍ଯ୍ୟ ପ୍ରଣାଳୀ :

୧. ନିମ୍ନ ଟେବୁଲରେ ଦିଆଯାଇଥିବା ନିର୍ଣ୍ଣାୟକ ଅନୁସାରେ ପ୍ରତ୍ୟେକ ସଦସ୍ୟଙ୍କର ନିର୍ଦ୍ଦିଷ୍ଟ ଆବଶ୍ୟକତାକୁ ଚିହ୍ନଟ କର ।

୨. ବ୍ୟକ୍ତିଗତ ଆବଶ୍ୟକତା ପୂରଣ କରିବା ପାଇଁ ଖାଦ୍ୟ ପରିବର୍ତ୍ତନ କରିବାକୁ ପ୍ରସ୍ତାବ ଦିଅ ।

## ନିରୀକ୍ଷଣ ଟେବୁଲ

ଟେବୁଲ (କ) : ସାଧାରଣ ସୂଚନା

| କ୍ର.ସଂ | ପରିବାର ସଦସ୍ୟ | କୌଣସି ସଦସ୍ୟଙ୍କର ଯଦି କିଛି ବିଶେଷ ଆବଶ୍ୟକତା ଥାଏ | ବୟସ | ଲିଙ୍ଗ | ଶାରୀରିକ ଶ୍ରମ |
|---|---|---|---|---|---|
| ୧ | ସ୍ୱାମୀ | | ୪୫ | ପୁରୁଷ | କଠିନ ଶ୍ରମ |
| ୨. | ସ୍ତ୍ରୀ | | ୩୯ | ମହିଳା | ସାଧାରଣ ଶାରୀରିକ ଶ୍ରମ |
| ୩. | ପିଲା | | ୪ | ମହିଳା | |
| ୪. | ଜେଜେବାପା | | ୬୨ | ପୁରୁଷ | ସାଧାରଣ ଶାରୀରିକ ଶ୍ରମ |
| ୫. | କିଶୋର | | ୧୬ | ପୁରୁଷ | କଠିନ ଶ୍ରମ |

ଟେବୁଲ (ଖ) : ପରିବାର ମଧ୍ୟରେ ଖାଦ୍ୟ ବିତରଣ / ଦରକାରୀ ପରିବର୍ତ୍ତନ ।

| | ବାପା | ମାଆ | ପିଲା | କିଶୋର | ଜେଜେବାପା |
|---|---|---|---|---|---|
| ପ୍ରାତଃକାଳ | | | | | |
| ଜଳଖିଆ | | | | | |
| ପ୍ରାକ୍ ମଧ୍ୟାହ୍ନ ଭୋଜନ | | | | | |
| ମଧ୍ୟାହ୍ନ ଭୋଜନ | | | | | |
| ସାନ୍ଧ୍ୟ ଚାହା | | | | | |
| ରାତ୍ରି ଭୋଜନ | | | | | |

## ସାବଧାନତା

୧. ପରିବାରର ପ୍ରତ୍ୟେକ ସଦସ୍ୟଙ୍କର ବୟସ, ଲିଙ୍ଗ, ଶାରୀରିକ ଶ୍ରମ ବା କାର୍ଯ୍ୟ ଅନୁସାରେ ଆବଶ୍ୟକତା ବିଷୟରେ ସଚେତନ ହୁଅ ।

୨. ଆହାର ଯୋଜନା କଲାବେଳେ ପ୍ରତ୍ୟେକ ଖାଦ୍ୟବର୍ଗରୁ ଅନ୍ତତଃ ଗୋଟିଏ ଖାଦ୍ୟବସ୍ତୁ ଅନ୍ତର୍ଭୁକ୍ତ କର ।

## ଉପସଂହାର ଓ ଉତ୍କୃଷ୍ଟତା ପାଇଁ ସୂଚନା

୧. ଆହାର ଯୋଜନା ସନ୍ତୁଳିତ ନା ଅସନ୍ତୁଳିତ ଏବଂ ସେହି ଖାଦ୍ୟ ପରିବାର ପାଇଁ ଉପଯୋଗୀ କି ନାହିଁ ନଜର ଦିଅ ।

୨. ନିମ୍ନରେ ଦିଆଯାଇଥିବା ବ୍ୟକ୍ତିମାନଙ୍କ ପାଇଁ ଭୋଜନରେ କାହିଁକି ପରିବର୍ତ୍ତନ ଆବଶ୍ୟକ ଗୋଟିଏ କାରଣ ଦର୍ଶାଅ :

ପିଲା, ଜେଜେବାପା, କିଶୋର, କଠିନ କାର୍ଯ୍ୟ କରୁଥିବା ସ୍ୱାମୀ ।

## ମୂଲ୍ୟାୟନ ପାଇଁ ନିର୍ଣ୍ଣାୟକ

- ପିଲାମାନେ ଅଳ୍ପ କିନ୍ତୁ ବାରମ୍ବାର ଖାଦ୍ୟ ଆବଶ୍ୟକ କରନ୍ତି ।
- ବୟସ୍କ ବ୍ୟକ୍ତିମାନେ ସବୁପ୍ରକାର ଖାଦ୍ୟ ଖାଇବାକୁ ସମର୍ଥ ନଥାନ୍ତି ।
- ମହିଳାମାନଙ୍କ ଅପେକ୍ଷା ପୁରୁଷମାନେ ଅଧିକ ପୁଷ୍ଟିସାର ଆବଶ୍ୟକ କରନ୍ତି ।
- ଅଳ୍ପ ପରିମାଣରେ ଶାରୀରିକ ପରିଶ୍ରମ କରୁଥିବା ସଦସ୍ୟମାନେ କଠିନ ଶ୍ରମ କରୁଥିବା ସଦସ୍ୟମାନଙ୍କ ଅପେକ୍ଷା କମ୍ କ୍ୟାଲୋରୀ ବା ଶକ୍ତି ଦରକାର କରନ୍ତି ।
- ଅସୁସ୍ଥତା ସମୟରେ ରୋଗୀର ଆବଶ୍ୟକ ଅନୁଯାୟୀ ଖାଦ୍ୟର ଗୁଣ, ପରିମାଣ ଏବଂ ଖାଇବା ସମୟରେ ପରିବର୍ତ୍ତନ ହୋଇଥାଏ ।

## ସମ୍ବନ୍ଧିତ ପ୍ରଶ୍ନାବଳୀ

୧. ଆହାର ଯୋଜନା କହିଲେ କ'ଣ ବୁଝ ?

୨. ଆହାର ଯୋଜନାକୁ ପ୍ରଭାବିତ କରୁଥିବା ବିଭିନ୍ନ ଉପାଦକ ବା କାରଣ ସମୂହର ତାଲିକା କର ।

୩. ଗହମରୁ କିପରି ଭିନ୍ନ ଭିନ୍ନ ପ୍ରକାରରେ ଖାଦ୍ୟ ତିଆରି କରି ଶିଶୁ ଓ ଗୋଟିଏ କିଶୋରକୁ ଦିଆଯାଇପାରିବ ଲେଖ ।

## ଶିକ୍ଷକଙ୍କ ପାଇଁ ଟିପ୍ପଣୀ

୧. ବିଦ୍ୟାର୍ଥୀଙ୍କୁ ଖାଦ୍ୟସୂଚୀ ଦିଆଯାଇ ତାକୁ ପରିବାରର ସମସ୍ତ ସଦସ୍ୟଙ୍କ ଆବଶ୍ୟକତା ଅନୁସାରେ ବ୍ୟବସ୍ଥିତ କରିବା ପାଇଁ କୁହାଯାଇପାରେ ।

୨. କେବଳ ଗୋଟିଏ ଖାଦ୍ୟ ବସ୍ତୁକୁ ବିଭିନ୍ନ ବୟସର ବ୍ୟକ୍ତିମାନଙ୍କ ପାଇଁ କିପରି ପରିବର୍ତ୍ତିତ କରି ଦିଆଯାଇପାରିବ, ତାହା ବିଦ୍ୟାର୍ଥୀମାନଙ୍କୁ କୁହାଯାଇପାରେ ।

୩. ବିଦ୍ୟାର୍ଥୀମାନଙ୍କୁ ପରିବାରର ଅସୁସ୍ଥତା ସମୟରେ ଭୋଜନ ଅନୁପାତିକ ଭାବେ ଦେବା ପାଇଁ କୁହାଯାଇପାରେ ।

## ଅଧିକ ଜାଣିବା ପାଇଁ

ଗୃହ ବିଜ୍ଞାନ – ୧ର ପାଠ, ବିଷୟ–୩ ଦ୍ରଷ୍ଟବ୍ୟ ।



# ପ୍ରୟୋଗ ସଂଖ୍ୟା – ୧୧

## ଲକ୍ଷ୍ୟ

ଦହନ ପରୀକ୍ଷା ଦ୍ୱାରା ବସ୍ତ୍ର ତନ୍ତୁକୁ ଚିହ୍ନଟ କରିବା ।

## ଉଦ୍ଦେଶ୍ୟ

ଏହି ପ୍ରୟୋଗାତ୍ମକ କାର୍ଯ୍ୟ କରିବା ପରେ ତୁମେ –

ଦହନ ପରୀକ୍ଷା ଦ୍ୱାରା ବଜାରରେ ଉପଲବ୍ଧ ବିଭିନ୍ନ ବସ୍ତ୍ର ଚିହ୍ନଟ କରିପାରିବ;

ବିକ୍ରେତାଙ୍କ ଦ୍ୱାରା କରାଯାଉଥିବା ଠକାମୀ ଏଡ଼ାଇ ଦେଇପାରିବ;

ନିଜ ପାଇଁ ଉପଯୁକ୍ତ ବସ୍ତ୍ର ବାଛିବା ପାଇଁ ସମର୍ଥ ହୋଇପାରିବ ।

## ଆବଶ୍ୟକୀୟ ଉପକରଣ

ବିଭିନ୍ନ ପ୍ରକାରର କନା ଟୁକୁଡା, ଗୋଟିଏ ଛୁଞ୍ଚି, ଚିମୁଟା, ଗୋଟିଏ ମହମବତୀ ଓ ଦିଆସିଲି ଇତ୍ୟାଦି ।

## ଉତ୍ସ !

ଘରେ ଥିବା ପୁରୁଣା କପଡ଼ା ଖଣ୍ଡ କିମ୍ବା ଦରଜୀ ପାଖରେ ମିଳୁଥିବା ବଳକା କନା ଟୁକୁଡ଼ା ।

## କାର୍ଯ୍ୟ ପ୍ରଣାଳୀ :

୧. ଯେକୌଣସି ଭିନ୍ନ ଭିନ୍ନ ୧୦ ପ୍ରକାରର ଟୁକୁଡା କନା ବାଛ ।

୨. ଏହା ଉପରେ ୧ ରୁ ୧୦ କରି ନମ୍ବର ଲେଖ ।

୩. ୧ ନମ୍ବର ଲେଖାଥିବା କନା ଟୁକୁଡ଼ା ନିଅ । ଗୋଟିଏ ଛୁଞ୍ଚି ସାହାଯ୍ୟରେ କନା ଧାରରୁ ସୂତା ଟାଣି ବାହାର କର ।


୪. ଦିଆସିଲି ଦ୍ୱାରା ମହମବତୀ ଜଳାଅ ।

୫. ଟାଣି ବାହାର କରିଥିବା ସୂତାକୁ ଚିମୁଟାରେ ଧରି ମହମବତୀ ଶିଖାରେ ଦେଖାଅ ।

୬. ଧ୍ୟାନ ସହକାରେ ନିରୀକ୍ଷଣ କର ।

୭. କ'ଣ ନିରୀକ୍ଷଣ କଲ ତାହା ତଳେ ଦିଆଯାଇଥିବା ଟେବୁଲରେ ଲେଖ ।

୮. ଏହି ଭାବରେ ଅନ୍ୟ ସମସ୍ତ କନା ଟୁକୁଡାକୁ ମହମବତୀ ଶିଖାରେ ପୋଡ଼ି କ'ଣ ଲକ୍ଷ୍ୟ କଲ ତାହା ଲେଖି ରଖ ।



## ନିରୀକ୍ଷଣ ଟେବୁଲ

| ଟୁକୁଡାକନା ନଂ | ଅଗ୍ନିଶିଖାରେ ଦହନ | କି ପ୍ରକାର ଅଗ୍ନିଶିଖା | ଗନ୍ଧ | ପାଉଁଶ | ଚିହ୍ନଟ ବସ୍ତ୍ର |
|---|---|---|---|---|---|
| ୧. | | | | | |
| ୨. | | | | | |
| ୩. | | | | | |
| ୪. | | | | | |
| ୫. | | | | | |
| ୬. | | | | | |
| ୭. | | | | | |
| ୮. | | | | | |
| ୯. | | | | | |
| ୧୦. | | | | | |

## ସାବଧାନତା

୧. ଠିକ୍ ଫଳାଫଳ ଜାଣିବା ପାଇଁ ସଂଗ୍ରହ କରିଥିବା କପଡ଼ାରୁ ଲମ୍ବ ଆକାରର ସୂତା ଟାଣି ବାହାର କରିଥିବା ଦରକାର ।

୨. ସୂତାକୁ ନିଆଁରେ ପୋଡ଼ିବା ସମୟରେ ଚିମୁଟା ବ୍ୟବହାର କର ।

୩. ନିଆଁରେ ଦେଖାଇବା ପରେ ପୋଡ଼ା ସୂତାକୁ ସଙ୍ଗେ ସଙ୍ଗେ ଶୁଙ୍ଘ ନାହିଁ ।

୪. ଥଣ୍ଡା ନହେବା ପର୍ଯ୍ୟନ୍ତ ପାଉଁଶକୁ ଆଙ୍ଗୁଠିରେ ପରୀକ୍ଷା କର ନାହିଁ ।

## ସମ୍ବନ୍ଧିତ ପ୍ରଶ୍ନାବଳୀ

୧. ଯଦି ପୋଡ଼ିବା ପରେ ସୂତାର ପୋଡ଼ା ଅଂଶ ଟାଣ ମାଳି ପରି ହୋଇଥାଏ, ତେବେ ତାହା କି ପ୍ରକାରର ତନ୍ତୁ ?

୨. ତୁମେ ତନ୍ତୁଟିକୁ ନିଆଁ ପାଖରେ ଦେଖାଇଲେ ସେଥିରେ ଯଦି ସହଜରେ ନିଆଁ ଧରି ହଳଦିଆ ରଙ୍ଗର ଶିଖା ବାହାରୁଛି, ତେବେ ତାହା କି ପ୍ରକାର ତନ୍ତୁ ?

୩. ଯଦି ଗୋଟିଏ ତନ୍ତୁକୁ ପୋଡ଼ିଲେ ପୋଡା କ୍ଷୀରର ଗନ୍ଧ ବାହାରୁଛି ତେବେ ତାହା ପ୍ରାଣୀଜ ନାଁ ଭିତ୍ତିକ ତନ୍ତୁ ?

## ଅଧିକ ଜାଣିବା ପାଇଁ :

ଗୃହ ବିଜ୍ଞାନ ପୁସ୍ତକ ୧ମ ଭାଗର ବିଷୟ ୧୦ ଦ୍ରଷ୍ଟବ୍ୟ

**ଅଥବା**

* **ଲକ୍ଷ୍ୟ :** ଦିଆଯାଇଥିବା ବସ୍ତ୍ରକୁ ସ୍ପର୍ଶ କରି ଏବଂ ତା'ର ମସୃଣତାକୁ ଅନୁଭବ କରି ବସ୍ତ୍ରତନ୍ତୁକୁ ଚିହ୍ନଟ କରିବା ।

| କ୍ରମିକ ନଂ | ଚିହ୍ନଟ ବସ୍ତ୍ର |
|---|---|
| ୧ | |
| ୨ | |
| ୩ | |
| ୪ | |
| ୫ | |

* **ସୂଚନା : ଭିନ୍ନକ୍ଷମ ଶିକ୍ଷାର୍ଥୀଙ୍କ ନିମନ୍ତେ ଉଦ୍ଦିଷ୍ଟ ।**

# ପ୍ରୟୋଗ ସଂଖ୍ୟା – ୧୨

## ଲକ୍ଷ୍ୟ

ସରୁ ଏବଂ ଲମ୍ବ ଭାବରେ କଟା ହୋଇଥିବା କାଗଜ ଖଣ୍ଡରେ ରେଖାଚିତ୍ର ନମୁନା ବା ସାଧା ବୁଣାର ନମୁନା ପ୍ରସ୍ତୁତ କରିବା ।

## ଉଦ୍ଦେଶ୍ୟ

ଏହି ପ୍ରୟୋଗାତ୍ମକ କାର୍ଯ୍ୟ କରିବା ପରେ ତୁମେ ସାଧା ବୁଣା ଦ୍ୱାରା ବସ୍ତ୍ର ପ୍ରସ୍ତୁତିର କୌଶଳ ବୁଝିପାରିବ ।

## ଆବଶ୍ୟକୀୟ ଉପକରଣ

୧. ଚିତ୍ର ନଂ ୩ କୁ ଭଲ ଭାବରେ ଦେଖ ।

୨. ସେହିପରି ସ୍କେଲ୍ ପେନ୍‌ସିଲ୍ ଦ୍ୱାରା ବାକ୍ସ–୧ରେ କର ।


୩. ଦୁଇ ପ୍ରକାର ରଙ୍ଗର ସରୁ ଲମ୍ୱା କାଗଜ ଚିତ୍ର ନଂ–୧ରେ ଦିଆଯିବା ଭଳି (୨ ମିଲିମିଟର ଓସାର) କାଟ ।

୪. କାଗଜ ଖଣ୍ଡଗୁଡ଼ିକର ଲମ୍ୱା ବାକ୍ସର ଆୟତନଠାରୁ ସାମାନ୍ୟ ଅଧିକ ହେବା ଆବଶ୍ୟକ ।

୫. ଚିତ୍ର ନଂ.୨ରେ ଦର୍ଶାଯାଇଥିବା ଭଳି କାଗଜ ଖଣ୍ଡକୁ ନେଇ ଚଟେଇ ପରି ବୁଣ ।

୬. ସମ୍ପୂର୍ଣ୍ଣ ଭାବରେ ବୁଣିସାରିବା ପରେ ଏହି ନମୁନାଟିକୁ ବାକ୍ସ–୨ରେ ଅଠା ସାହାଯ୍ୟରେ ଲଗାଅ ।

ଚିତ୍ର ନଂ–୧




(କ) ଗୋଟିଏ ରଙ୍ଗର କାଗଜ

ଚିତ୍ର ନଂ–୨




(ଖ) ଅନ୍ୟ ରଙ୍ଗର କାଗଜ

ବାକ୍ସ–୧

ବାକ୍ସ–୨

## ସାବଧାନତା

ଓସାର ଭାବରେ ବୁଣାଯାଉଥିବା ସୂତା, ଲମ୍ବ ଭାବରେ ରଖାଯାଇଥିବା ସୂତାର ଉପରେ ଥରେ ଓ ତଳେ ଥରେ, ଏହିପରି ପର୍ଯ୍ୟାୟକ୍ରମରେ ଛନ୍ଦା ହେବା ଉଚିତ୍ ।

## ମୂଲ୍ୟାୟନ ପାଇଁ ନିର୍ଣ୍ଣାୟକ

ଏକ ଉତ୍ତମ ବୁଣା ଶୈଳୀରେ  ଓସାର ସୂତା ଏବଂ ଲମ୍ବ ଭାବରେ ରଖାଯାଉଥିବା ସୂତା ଭଲ ଭାବରେ ପରସ୍ପର ସହିତ ଯାକି ହୋଇ ବୁଣା ହେଲେ ବସ୍ତ୍ରଟି ଖୁବ୍ ଚିକ୍କଣ, ସାନ୍ଦ୍ର ଏବଂ ଦୃଢ଼ ହୋଇଥାଏ ।

## ପ୍ରସ୍ତାବିତ ପ୍ରଶ୍ନାବଳୀ

୧. ଓସାର ସୂତା (weft) ଏବଂ ଲମ୍ବ (warp) ଭାବରେ ରଖାଯାଉଥିବା ସୂତା କହିଲେ କ'ଣ ବୁଝ ?

୨. ଗୋଟିଏ ଉତ୍କୃଷ୍ଟ ବସ୍ତ୍ର ପାଇଁ ତୁମେ କେଉଁ କେଉଁ ଗୁଣ ପ୍ରତିଧ୍ୟାନ ଦେବ ?


୩. ସାଧା ବୁଣା ଦ୍ୱାରା ପ୍ରସ୍ତୁତ ଏକ ବସ୍ତ୍ରର ଉଦାହରଣ ଦିଅ ।

## ଶିକ୍ଷକଙ୍କ ପାଇଁ ନିର୍ଦ୍ଦେଶ

ଫିତା ଦ୍ୱାରା ବା ପଶମ ସୂତାରେ ଏକ ସାଧାବୁଣାର ନମୁନା କରିବା ପାଇଁ ବିଦ୍ୟାର୍ଥୀଙ୍କୁ କୁହାଯାଇପାରେ ।

## ଅଧିକ ଜାଣିବା ପାଇଁ

ଗୃହ ବିଜ୍ଞାନ ୧ମ ଭାଗର ୧୦ମ ପାଠ୍ୟକ୍ରମ ଦ୍ରଷ୍ଟବ୍ୟ  ।



ଚିତ୍ର ନଂ–୩

# ପ୍ରୟୋଗ ସଂଖ୍ୟା – ୧୩

## ଲକ୍ଷ୍ୟ

ଧଳା କାର୍ପାସ ବା ସୂତା ବସ୍ତ୍ରରୁ ତଳେ ଦିଆଯାଇଥିବା ଦାଗଗୁଡ଼ିକ ଛଡ଼ାଇବା ।

(କ) ସଙ୍ଗେ ସଙ୍ଗେ

(ଖ) ଦୁଇଦିନ ପରେ

## ଦାଗ

୧. ଚାହା/କଫି

୨. ରକ୍ତ/କ୍ଷୀର/ଅଣ୍ଡା

୩. ତେଲ

୪. ରଙ୍ଗ/ନେଲ୍‌ପଲିଶ୍

୫. କାଳି

## ଉଦ୍ଦେଶ୍ୟ

ଏହି ପ୍ରୟୋଗାତ୍ମକ କାର୍ଯ୍ୟ କରିବା ପରେ ତୁମେ –

- ଦାଗ ଚିହ୍ନଟ କରିପାରିବ,
- ଦାଗ ଛଡ଼ାଇବା ପାଇଁ ଉପଯୁକ୍ତ ପଦାର୍ଥ ବାଛିପାରିବ,
- ଦାଗ ଛଡ଼ାଇବା ପାଇଁ ଉପଯୁକ୍ତ ପଦ୍ଧତି ବାଛି ପାରିବ,
- ବସ୍ତ୍ରରୁ ସଦ୍ୟ ଲାଗିଥିବା ଦାଗ କିମ୍ବା ଦୁଇଦିନର ପୁରୁଣା ଦାଗ ଛଡ଼ାଇ ପାରିବ ।

## ଆବଶ୍ୟକୀୟ ଉପକରଣ

୧. ଧଳା କାର୍ପାସ କପଡ଼ାର ୧୫ଟି ନମୁନା (ପ୍ରତ୍ୟେକର ଆକାର ୫ ସେଣ୍ଟିମିଟର ୫ ସେଣ୍ଟିମିଟର) ।

୨. ପାଣି

୩. ସାବୁନ

୪. ଗ୍ଲିସେରିନ୍

୫. ଲୁଣ

୬. ଟାଲକମ୍ ପାଉଡର

୭. ଖଟା ଦହି

୮. ଲେମ୍ବୁ ରସ

୯. କିରୋସିନ



## କାର୍ଯ୍ୟ ପ୍ରଣାଳୀ

୧. ତିନୋଟି ଲେଖାଏଁ ଧଳା କପଡ଼ାରେ ଗୋଟିଏ ପ୍ରକାର ଦାଗ ଲଗାଅ । ଯେପରି ୩ଟିରେ ଚା ଦାଗ, ୩ଟିରେ ତେଲ ଦାଗ ଏବଂ ୩ଟିରେ ରଙ୍ଗଦାଗ ଇତ୍ୟାଦି । ଏହିପରି ସବୁ କପଡ଼ାରେ ଦାଗ କର ।

୨. ତଳ ଟେବୁଲରେ ଥିବା ସ୍ତମ୍ଭ-୧ରେ ଗୋଟିଏ ଦାଗଯୁକ୍ତ ନମୁନା ଅଠା ଦେଇ ଲଗାଅ । ବର୍ତ୍ତମାନ ତୁମ ପାଖରେ ଦୁଇ ଯୋଡ଼ା ଦାଗଯୁକ୍ତ କପଡ଼ାର ନମୁନା ଅଛି ।

୩. ଏହାପରେ ବାକିଥିବା ନମୁନାଗୁଡ଼ିକ ଭଲ ଭାବରେ ଏକାଠି ମିଶାଇ ଦିଅ, ଯେପରିକି ସେଗୁଡ଼ିକ ଓଲଟପାଲଟ ହୋଇଯିବ ଏବଂ ସେଥିରୁ ଏକ ଯୋଡ଼ା ନମୁନା ଦୁଇଦିନ ପାଇଁ ରଖ ।

୪. ପ୍ରତ୍ୟେକଟି ନମୁନାରେ ଲଗାଯାଇଥିବା ଦାଗକୁ ତାର ରଙ୍ଗ, ଗନ୍ଧ ଓ ଅନୁଭବ ଦ୍ୱାରା ଚିହ୍ନଟ କର ଏବଂ ଏହାକୁ ତଳ ଟେବୁଲର ସ୍ତମ୍ଭ-୨ରେ ଲେଖ ।

୫. ବହିରେ ଦିଆଯାଇଥିବା ପ୍ରଣାଳୀ ଅନୁସାରେ ଚିହ୍ନିତ ଦାଗ କପଡ଼ାରୁ ଛଡ଼ାଅ ।

୬. ଦାଗ ଛାଡ଼ିଥିବା ପରିଷ୍କାର କପଡ଼ାର ନମୁନାକୁ ଟେବୁଲ୍‌ର ସ୍ତମ୍ଭ-୩ରେ ଅଠା ଦେଇ ଲଗାଅ ।

୭. ଏହିପରି ଦୁଇଦିନ ପରେ ଦ୍ୱିତୀୟ ଯୋଡ଼ା ଦାଗ ଲଗାଯାଇଥିବା ନମୁନାରୁ ସମାନ ପ୍ରଣାଳୀରେ ଦାଗକୁ ଚିହ୍ନଟ କରିସାରି ଛଡ଼ାଅ ।

୮. ଦାଗଛଡ଼ା ପରିଷ୍କାର କପଡ଼ାକୁ ଟେବୁଲର ଚତୁର୍ଥ ସ୍ତମ୍ଭରେ ଅଠାଦେଇ ଲଗାଅ ।

୯. ଅନୁସୃତ କାର୍ଯ୍ୟ ପ୍ରଣାଳୀ ତଳ ଟେବୁଲର ପଞ୍ଚମ ସ୍ତମ୍ଭରେ ଲିପିବଦ୍ଧ କର ।

## ନିରୀକ୍ଷଣ ଟେବୁଲ

| ଦାଗ କପଡ଼ା | ଦାଗ | ସଙ୍ଗେ ସଙ୍ଗେ ଛଡ଼ାଯାଇଥିବା | ଦୁଇଦିନ ପରେ ଛଡ଼ାଯାଇଥିବା | ଅନୁସୃତ କାର୍ଯ୍ୟ ପ୍ରଣାଳୀ | |
|---|---|---|---|---|---|
| | | | | ଚିହ୍ନଟ କରିବା | ଦାଗ ଛଡ଼ାଇବା |
| ୧ | ୨ | ୩ | ୪ | ୫ | ୬ |
| | | | | | |
| | | | | | |
| | | | | | |

## ସାବଧାନତା

୧. ଦାଗକୁ ଚିହ୍ନଟ କର ଏବଂ ତାହାକୁ ଉପଯୁକ୍ତ ପ୍ରଣାଳୀ ଦ୍ୱାରା ଛଡ଼ାଅ ।

୨. ପ୍ରଥମରୁ ଗାଢ଼ ରାସାୟନିକ ପଦାର୍ଥ ଦାଗ ଛଡ଼ାଇବା ପାଇଁ ବ୍ୟବହାର କର ନାହିଁ ।

୩. ଦାଗ ଛଡ଼ାଇବା ପାଇଁ ରାସାୟନିକ ପଦାର୍ଥ ବ୍ୟବହାର କରିବା ପରେ ଭଲ ଭାବରେ ବାରମ୍ବାର ଧୁଅ ।

## ଉପସଂହାର

୧. ଯଥା ସମ୍ଭବ ଦାଗ ତାଜା ଥିବାବେଳେ ଛଡ଼ାଅ,

## ମୂଲ୍ୟାୟନ ପାଇଁ ନିର୍ଣ୍ଣାୟକ

ସଫା କରାଯାଇଥିବା ନମୁନା କପଡ଼ାଗୁଡ଼ିକରେ କୌଣସି ଦାଗ ନଥିବା ଉଚିତ୍ ।

## ଶିକ୍ଷକଙ୍କ ପାଇଁ ଟୀପ୍ପଣୀ

୧. ଶିକ୍ଷାର୍ଥୀଙ୍କୁ ଦାଗ ଲାଗିଥିବା କପଡ଼ାର ନମୁନାରୁ ଦାଗର ରଙ୍ଗ, ଗନ୍ଧ ଓ ଅନୁଭବ ଦ୍ୱାରା ଚିହ୍ନଟ କରିବାକୁ କୁହାଯାଇପାରେ ।

୨. ଶିକ୍ଷାର୍ଥୀଙ୍କୁ ଦାଗ ଛଡ଼ାଇବା ପାଇଁ ବ୍ୟବହୃତ ପଦାର୍ଥ ଏବଂ ଦାଗ ଛଡ଼ାଇବାର ପ୍ରଣାଳୀଗୁଡ଼ିକ ତାଲିକା କରିବାକୁ କୁହାଯାଇପାରେ ।

୩. ଏହି ଦାଗ ଛଡ଼ାଇବାର ପ୍ରଣାଳୀରେ ନମୁନା କପଡ଼ାରୁ ଦାଗ ଛଡ଼ାଇବା ପାଇଁ, ଶିକ୍ଷାର୍ଥୀଙ୍କୁ କୁହାଯାଇପାରେ ।

## ଅଧିକ ଜାଣିବା ପାଇଁ

ଗୃହ ବିଜ୍ଞାନର ପ୍ରଥମ ଭାଗର ବିଷୟ-୮ ଦ୍ରଷ୍ଟବ୍ୟ

କିମ୍ବା

## ଲକ୍ଷ୍ୟ

ନିମ୍ନଲିଖିତ ଦାଗଗୁଡ଼ିକୁ ଛଡ଼ାଇବାର ଉପଯୁକ୍ତ ପ୍ରଣାଳୀ ସବୁ ତଳେ ଦିଆଯାଇଥିବା ସ୍ଥାନରେ ଲେଖ ।

| କ୍ରମିକ ନଂ | ଦାଗ | ଦାଗ ଛଡ଼ାଇବାର ପ୍ରଣାଳୀ |
|---|---|---|
| ୧. | ଚା/ କଫି | |
| ୨. | ରକ୍ତ / କ୍ଷୀର / ଅଣ୍ଡା | |
| ୩. | ତେଲ | |
| ୪. | ରଙ୍ଗ / ନେଲ୍‌ପଲିସ୍ | |
| ୫. | କାଳି | |

ସୂଚନା : ଭିନ୍ନକ୍ଷମ ଶିକ୍ଷାର୍ଥୀଙ୍କ ନିମନ୍ତେ କରଣୀୟ

# ପ୍ରୟୋଗ ସଂଖ୍ୟା – ୧୪

## ଲକ୍ଷ୍ୟ

(କ) ଗୋଟିଏ କାର୍ପାସ ବା ସୂତାର ଓଢ଼ଣୀ/ଶାଢ଼ୀ/ଜାମା ସଫା କରି (ମଣ୍ଡ ଦେଇ ଇସ୍ତ୍ରୀକରି) ତା'ର ପରିସମାପ୍ତି କରିବା ।


(ଖ) ଗୋଟିଏ ପଶମ ଶାଲ୍ ବା ଚାଦର / ଝିଅଙ୍କର ସ୍ୱେଟର ସଫା କରି ପରିସମାପ୍ତି କରିବା ।

(ଗ) ଗୋଟିଏ ରେଶମର ମୁଣ୍ଡବନ୍ଧା ରୁମାଲ / ବ୍ଲାଉଜ୍ / ଓଢ଼ଣୀ ସଫା କରି ତା'ର ପରିସମାପ୍ତି କରିବା ।

## ଉଦ୍ଦେଶ୍ୟ

ଏହି ପ୍ରୟୋଗକୁ କରିବା ପରେ ତୁମେ :

- ବିଭିନ୍ନ ପ୍ରକାର ବସ୍ତ୍ରକୁ ସଫା କରିବା ପାଇଁ ଉପଯୁକ୍ତ ଦ୍ରବଣ ଓ ସଫା କରିବାର ପ୍ରଣାଳୀ ବାଛିପାରିବ ।
- ସଫା କରିବା ପରେ ଉପଯୁକ୍ତ ପ୍ରଣାଳୀରେ ବସ୍ତ୍ରର ପରିସମାପ୍ତି କରିବା ।



## (କ) କାର୍ପାସ ଓଢ଼ଣୀ / ଶାଢ଼ୀ / ଜାମା ସଫା କରି ତା'ର ପରିସମାପ୍ତି କରିବା ।

## ଆବଶ୍ୟକୀୟ ଉପକରଣ

ପରିଷ୍କାରକ ଦ୍ରବ୍ୟ କିମ୍ବା ସାବୁନ, ନରମ ବ୍ରସ୍, ବାଲ୍‌ଟି, ମଇଦା ମଣ୍ଡ କିମ୍ବା ତିଆରି ମଣ୍ଡ ଏବଂ ଇସ୍ତ୍ରୀ ।

## କାର୍ଯ୍ୟ ପ୍ରଣାଳୀ

୧. ପୋଷାକଟିକୁ ପରିଷ୍କାରକ ଦ୍ରବ୍ୟ ମିଶା ପାଣିରେ କିଛି ସମୟ ପାଇଁ ବତୁରାଇ ଦିଅ ।

୨. ଘଷିବା ପ୍ରଣାଳୀରେ ପୋଷାକକୁ ସଫା କର ।

୩. ବେଶୀ ମଇଳା ହୋଇଥିବା ସ୍ଥାନକୁ ଏକ ନରମ ଲୁଗା ସଫ ବ୍ରସ୍‌ରେ ଘଷିକରି ସଫା କର ।

୪. ସଫା କରିବା ପରେ ସେଥିରୁ ସାବୁନ ଅଂଶ ଭଲ ଭାବରେ ଛଡ଼େଇବା ପାଇଁ ବାରମ୍ବାର ପରିଷ୍କାର ପାଣିରେ ଧୁଅ ।

୫. ଗୋଟିଏ ବେସିନ୍‌ରେ ପାଣି ନେଇ ସେଥିରେ କିଛି ବହଳିଆ ମଣ୍ଡକୁ ଭଲ ଭାବରେ ମିଶାଅ ।

୬. ଓଦା ପୋଷାକକୁ ମଣ୍ଡ ପାଣିରେ ବୁଡ଼ାଅ । ତା'ପରେ ଭଲ ଭାବରେ ଚିପୁଡି କରି ଖରାରେ ଝୁଲାଇ କରି ଶୁଖାଅ ।

୭. ଶୁଖାଇଲାବେଳେ ପୋଷାକର ଆକାର ଯେପରି ଠିକ୍ ରହେ, ଲକ୍ଷ୍ୟ ରଖ ।

୮. ଓଢ଼ଣୀ / ଶାଢ଼ୀର ଧଡ଼ିକୁ ଟାଣି ସିଧା କର । ପ୍ରଥମେ ଲମ୍ବା ପାଖରୁ ଭାଙ୍ଗ ଦିଅ ଓ ତା'ପରେ ଓସାର ପାଖରୁ ଭାଙ୍ଗି ଚଉତି କରି ରଖ ।

୯. ପୋଷାକଗୁଡ଼ିକୁ ପାଣି ଛିଞ୍ଚି ସାମାନ୍ୟ ଓଦା କର ଏବଂ ତା'ପରେ ଇସ୍ତ୍ରୀ କର ।

## ସାବଧାନତା

୧. ରଙ୍ଗ ଛାଡ଼ିଥିବା ରଙ୍ଗୀନ ପୋଷାକକୁ ବତୁରାଅ ନାହିଁ ।

୨. ରଙ୍ଗୀନ ପୋଷାକକୁ ସିଧା ଖରା ପଡୁଥିବା ସ୍ଥାନରେ ଶୁଖାଅ ନାହିଁ ।

୩. ଅଧିକ ବହଳିଆ ମଣ୍ଡ କିମ୍ବା ଚେଳାଥିବା ମଣ୍ଡ ଦିଅ ନାହିଁ ।

୪. ଅତ୍ୟଧିକ ଗରମ ହୋଇଥିବା ଇସ୍ତ୍ରୀ ବ୍ୟବହାର କର ନାହିଁ । ଏହାଦ୍ୱାରା ପୋଷାକରେ ହଳଦିଆ ଦାଗ ପଡ଼ିଯାଇପାରେ । ଧଳା ପୋଷାକ ଇସ୍ତ୍ରୀ କରିଲା ବେଳେ ଇସ୍ତ୍ରୀର ତାପମାତ୍ରା ନିୟନ୍ତ୍ରଣ କର ।

## (ଖ) ପଶମ ଶାଲ / ସ୍ୱେଟର ସଫା କରି ପରିସମାପ୍ତି କରିବା

## ଆବଶ୍ୟକୀୟ ଉପକରଣ

ଗୋଟିଏ ପଶମ ଶାଲ / ସ୍ୱେଟର, ବାଲ୍‌ଟି, ପାଣି, ରିଠାଫଳର ଦ୍ରବଣ / ବଜାରରେ ମିଳୁଥିବା ସଫା କରିବା ପାଇଁ ଉପଯୁକ୍ତ ଦ୍ରବ୍ୟ, ଗୋଟିଏ ନରମ ତଉଲିଆ ଏବଂ ଇସ୍ତ୍ରୀ ।

## କାର୍ଯ୍ୟ ପ୍ରଣାଳୀ

୧. ଗୋଟିଏ ବାଲ୍‌ଟିରେ ରିଠାଫଳ ଦ୍ରବଣକୁ ନେଇ ସେଥିରେ ପାଣି ଦେଇ ଭଲ ଭାବରେ ମିଶାଅ ।

୨. ପୋଷାକକୁ ସେଇ ଦ୍ରବଣରେ ବତୁରାଇ ଦିଅ ।

୩. ହାଲୁକା ଭାବରେ ଦଳା ଚକଟା ପ୍ରଣାଳୀରେ ପୋଷାକଟିକୁ ସଫା କର ।

୪. ତାକୁ ପରିଷ୍କାର ଥଣ୍ଡା ପାଣିରେ ବୁଡ଼ାଇ ଯେ ପର୍ଯ୍ୟନ୍ତ ରିଠାଫଳ ଦ୍ରବଣ ପୁରାପୁରି ଧୋଇନଯାଇଛି, ବାରମ୍ବାର ପାଣି ବଦଳାଇ ସେ ପର୍ଯ୍ୟନ୍ତ ଧୁଅ ।

୫. ଶେଷଥର ଧୋଇବା ପରେ ତାକୁ ଧୀରେ ଚିପୁଡ଼ି, ନରମ ତଉଲିଆରେ ରଖି ବାକି ଥିବା ଜଳକୁ ଭଲ ଭାବରେ ଚାପି ବାହାର କରି ଦିଅ ।

୬. ତା'ପରେ ସେ ପୋଷାକଟିକୁ ଏକ ସମତଳ ସ୍ଥାନରେ ରଖି ଶୁଖାଅ ।

୭. ଇସ୍ତ୍ରୀକୁ ଗରମ କରି ହାଲୁକା ଭାବରେ ବସ୍ତ୍ର ଉପରେ ଚାପି ଇସ୍ତ୍ରୀ କର ।

## ସାବଧାନତା

୧. ପଶମ ଶାଲ କିମ୍ବା ସ୍ୱେଟର ସଫା କରିବା ପାଇଁ ଶସ୍ତା ପରିଷ୍କାରକ ଦ୍ରବ୍ୟ ବ୍ୟବହାର କର ନାହିଁ ।

୨. ସଫା କରିବା ପାଇଁ ଗରମ ପାଣି ବ୍ୟବହାର କର ନାହିଁ କାରଣ ଏହାଦ୍ୱାରା ପୋଷାକର ତନ୍ତୁଗୁଡ଼ିକ ସଙ୍କୁଚିତ ହୋଇ ଯୋଡ଼ି ହୋଇଯାଏ ।

୩. ଧୋଇବା ପରେ ପଶମର ପୋଷାକକୁ ଝୁଲାଇ ଶୁଖାଅ ନାହିଁ କାରଣ ପୋଷାକଟିର ଆକାରରେ ପରିବର୍ତ୍ତନ ହୋଇଯାଏ ।

୪. ପୋଷାକକୁ ଛାଇରେ ଶୁଖାଅ ।

୫. ଧଳା ପଶମ ବସ୍ତ୍ରକୁ ସଫା କରିବା ପାଇଁ ରିଠାଫଳର ଦ୍ରବଣ ବ୍ୟବହାର କର ନାହିଁ କାରଣ ଏଥିରେ ଦାଗ ହୋଇପାରେ । ବଜାରରେ ମିଳୁଥିବା ପରିଷ୍କାରକ ଦ୍ରବ୍ୟ ମଧ୍ୟ ବ୍ୟବହାର କରାଯାଇପାରେ ।

## (ଗ) ରେଶମ ରୁମାଲ ବା ସ୍କାର୍ଫ / ଓଢ଼ଣୀ / ବ୍ଲାଉଜ୍ ସଫା କରି ପରିସମାପ୍ତି କରିବା

### ଆବଶ୍ୟକୀୟ ଉପକରଣ

ରେଶମ ସ୍କାର୍ଫ / ଓଢ଼ଣୀ, ବାଲଟି, ପାଣି, ରିଠାଫଳର ଦ୍ରବଣ କିମ୍ବା ବଜାରରେ ମିଳୁଥିବା ଉପଯୁକ୍ତ ପରିଷ୍କାରକ ଦ୍ରବ୍ୟ, ଭିନେଗାର ବା ଲେମ୍ବୁରସ, ଅଠା ଦ୍ରବଣ, ନରମ ତଉଲିଆ ଏବଂ ଇସ୍ତ୍ରୀ ।

### କାର୍ଯ୍ୟ ପ୍ରଣାଳୀ

୧. ଗୋଟିଏ ବାଲଟିରେ ରିଠାପଳ ଦ୍ରବଣ ଏବଂ ଉଷୁମ ପାଣି ନେଇ ଭଲ ଭାବରେ ମିଶାଅ ଏବଂ ଭଲ ଭାବରେ ଫେଣକର ।

୨. ରେଶମ ପୋଷାକଟିକୁ ସେଥିରେ ବତୁରାଅ ।

୩. ହାଲୁକା ଭାବରେ ଦଳିଚକଟି ପୋଷାକଟିକୁ ସଫା କର ।

୪. ପୋଷାକଟିକୁ ରିଠାଫଳର ଦ୍ରବଣ ଭିତରୁ ବାହାରକୁ ଆଣି ଧୀରେ ଚିପୁଡ଼ ।

୫. ଥଣ୍ଡା ପାଣିରେ ଭଲ ଭାବରେ ଧୋଇ ସବୁ ସାବୁନ ଅଂଶ ବାହାର କରିଦିଅ । ଜୋରରେ ଚିପୁଡ଼ ନାହିଁ ।

୬. ଶେଷଥର ଧୋଇବା ସମୟରେ ପାଣିରେ ଅଳ୍ପ କେତେ ଟୋପା ଭିନେଗାର୍ ବା ଲେମ୍ବୁରସ ଓ ଅଠାପାଣି ମିଶାଅ ।

୭. ଭଲ ଭାବରେ ଅଧିକ ଥିବା ପାଣିକୁ ବାହାର କରିବା ପାଇଁ ପୋଷାକଟିକୁ ନରମ ତଉଲିଆରେ ଗୁଡ଼ାଇ କରି ରଖ ।

୮. ଶୁଖାଇବା ପାଇଁ ଛାଇରେ ଲୁଗା ଶୁଖା ତାରରେ ପୋଷାକଟିକୁ ପକାଅ ।

### ସାବଧାନତା

୧. ସଫା କରିବା ପାଇଁ ଅଧିକ ଗରମ ପାଣି ବ୍ୟବହାର କର ନାହିଁ ।

୨. ଶସ୍ତା ସାବୁନ କିମ୍ବା ପରିଷ୍କାରକରେ ପୋଷାକ ସଫା କର ନାହିଁ ।

୩. ପୋଷାକକୁ ଘର୍ଷଣ ପ୍ରଣାଳୀରେ ସଫା କର ନାହିଁ ।

୪. ଧଳା ରେଶମ ପୋଷାକ ରିଠା ଫଳ ଦ୍ରବଣରେ ସଫା କର ନାହିଁ । ଏହା ପୋଷାକରେ ଦାଗ କରିପାରେ ।

୫. ପୋଷାକଟିକୁ ଛାଇ ଜାଗାରେ ଶୁଖାଅ ।

### ମୂଲ୍ୟାୟନ ପାଇଁ ନିର୍ଣ୍ଣାୟକ

- ପରିସମାପ୍ତି ପରେ ପୋଷାକଟି ଚକଚକିଆ ହେବା ଦରକାର ଏବଂ ହାତକୁ ଟାଣ ମଧ୍ୟ ଲାଗିବା ଉଚିତ୍ ।

- ପରିସମାପ୍ତି କରିବା ପରେ ପୋଷାକଟି ସଫା ଏବଂ ନୂଆ ପରି ଦେଖାଯିବା ଉଚିତ୍ ।
- ୩ଟି ପୋଷାକଟି ଦାଗ ସହିତ ଏବଂ ଭଲ ଭାବରେ ଇସ୍ତ୍ରୀ ହୋଇଥିବା ଉଚିତ୍ ।

## ସମ୍ବନ୍ଧିତ ପ୍ରଶ୍ନାବଳୀ

୧. ଧଳା ବସ୍ତ୍ର ପାଇଁ ରିଠାଫଳ ଦ୍ରବଣ କାହିଁକି ବ୍ୟବହାର କରାଯାଏ ନାହିଁ ?

୨. ପଶମ ପୋଷାକ ସଫା କରିବା ପାଇଁ ତୁମେ କାହିଁକି ଥଣ୍ଡା ପାଣି ବ୍ୟବହାର କରିବ ?

୩. ଇସ୍ତ୍ରୀ କରିବା ପୂର୍ବରୁ ମଣ୍ଡ ଦିଆଯାଇଥିବା କାର୍ପାସ ପୋଷାକକୁ ତୁମେ କାହିଁକି ଅଳ୍ପ ଓଦା କରିବ ?

## ଅଧିକ ଜାଣିବା ପାଇଁ

ଗୃହ ବିଜ୍ଞାନ ୧ମ ଭାଗର ବିଷୟ–୯ ଦ୍ରଷ୍ଟବ୍ୟ ।

# ପ୍ରୟୋଗ ସଂଖ୍ୟା – ୧୫

## ଲକ୍ଷ୍ୟ

ତଳେ ଦିଆଯାଇଥିବା ପଦାର୍ଥଗୁଡ଼ିକୁ ସଫା କରିବା ।

(କ) ପ୍ଲାଷ୍ଟିକ ବାଲ୍‌ଟି ଓ ମଗ

(ଖ) ଗାଧୁଆ ଘରର ଟାଇଲ୍

(ଗ) ପାଇଖାନା ଚଟାଣ ଓ ଆବଦ୍ଧ ଜଳପାତ୍ର

(ଘ) ଧାତୁ ନିର୍ମିତ ପାଣି କଳ

(ଙ) ରଙ୍ଗଲଗା ହୋଇଥିବା କବାଟ/ଝରକା

(ଚ) ଝରକା କାଚ

## ଉଦ୍ଦେଶ୍ୟ

ଏହି ପ୍ରୟୋଗକୁ କରିବା ପରେ ତୁମେ :

- କୌଣସି ଜାଗା ବା ପଦାର୍ଥର ଉପରିଭାଗକୁ ଚିହ୍ନି ପାରିବ ।
- ସଫା କରିବାର ଉପଯୁକ୍ତ ପ୍ରଣାଳୀ ବାଛି ପାରିବ ।

## ଆବଶ୍ୟକୀୟ ଉପକରଣ

୧. ଝାଡୁ / ବ୍ରସ୍ / ଧୂଳି ଶୋଷକ ଯନ୍ତ୍ର

୨. ଝାଡ଼ଣ / ପୋଛା

୩. ବାଲ୍‌ଟି / ବେସିନ୍ / ମଗ୍

୪. ସାବୁନ, ପରିଷ୍କାରକ ଏବଂ ବାସନମଜା ପାଉଡର

୫. ବିଶୋଧକ ପଦାର୍ଥ : ଡେଟଲ

୬. କ୍ଷାର, ସୋଡ଼ା, ବୋରାକ୍ସ, ଆମୋନିଆ

୭. ଅମ୍ଳ : ତେନ୍ତୁଳି, ସିର୍କା ବା ଭିନେଗାର

୮. ତେଲ : କିରୋସିନି, ପେଶୁ ବା ଫେଣୀ ତେଲ ତାର୍ପିନ୍ ତେଲ ଏବଂ ପେଟ୍ରୋଲ୍

## କାର୍ଯ୍ୟ ପ୍ରଣାଳୀ

| କ୍ରମିକ ନଂ | ସ୍ଥାନ | କ'ଣ ପରୀକ୍ଷା କରାଯିବ | ଆବଶ୍ୟକୀୟ ଉପକରଣ | ପ୍ରଣାଳୀ |
|---|---|---|---|---|
| ୧. | ପ୍ଲାଷ୍ଟିକ ବାଲଟି ଓ ମଗ | ମଇଳା ଏବଂ ଦାଗ | ଉଷୁମ ସାବୁନ୍ ପାଣି, ଦାନ୍ତଘସା ବ୍ରସ୍, | ୧. ଉଷୁମ ସାବୁନ୍ ପାଣିରେ ବସ୍ତୁଟିକୁ ସଫା କର ।<br>୨. ବ୍ରସ୍ ଦ୍ୱାରା ଭିତର ସନ୍ଧି ଜାଗାଗୁଡ଼ିକ ସଫା କର ।<br>୩. ଭିନେଗାର ଓ ପାଣି ବ୍ୟବହାର କରି ତେଲିଆ ଦାଗ ସଫା କର ଏବଂ ପୂର୍ବ ପରି ଚକ୍‌ଚକ୍ କର ।<br>୪. ପରିଷ୍କାର ପାଣିରେ ଧୁଅ ।<br>୫. ପୋଛି କରି ଶୁଖାଅ । |
| ୨. | ଗାଧୁଆ ଘର ଓ ରୋଷେଇ ଘର ଟାଇଲ୍ | | | |
| ୩. | ପାଇଖାନା ଓ ପାଇଖାନା ଚଟାଣ | | | |
| ୪. | ଧାତୁ ନିର୍ମିତ ପାଣି କଳ | | | |
| ୫. | ରଙ୍ଗ ଲଗା କବାଟ/ ଝରକା | | | |
| ୬. | ଝରକା କାଚ/ଦର୍ପଣ | | | |

ଅନ୍ୟାନ୍ୟ ବସ୍ତୁ ସଫା କରିବାର ପ୍ରଣାଳୀ ନିମିତ୍ତ ଅଧ୍ୟାୟ-୧୨ ଦ୍ରଷ୍ଟବ୍ୟ ।

## ସାବଧାନତା

୧. ଘଷିବା ପାଇଁ ଟାଣୁଆ ବ୍ରସ୍ ବ୍ୟବହାର କର ନାହିଁ ।

୨. ସଫା କରିବା ପରେ ପରିଷ୍କାରକ ଗୁଣ୍ଡ ବା ସର୍ଫଗୁଣ୍ଡ ଲାଗିଥିଲେ ସଙ୍ଗେ ସଙ୍ଗେ ଧୋଇ ଦିଅ ଏବଂ ଶୁଖାଅ ।

୩. କଡ଼ା ଅମ୍ଳ ବା କ୍ଷାର ପଦାର୍ଥ ବ୍ୟବହାର କରିବା ଉଚିତ୍ ନୁହେଁ ।

୪. ଭଲ ଭାବରେ ଶୁଖାଇ କରି ପୋଛି ଦିଅ । ତାହାହେଲେ ଓଦା ହେବା ଦ୍ୱାରା କୌଣସି ଦାଗ ସୃଷ୍ଟି ହେବ ନାହିଁ ।

## ମୂଲ୍ୟାୟନ ପାଇଁ ନିର୍ଦ୍ଧାୟକ

ପରିଷ୍କାର କରିବା ପରେ ସବୁ ପଦାର୍ଥର ଉପରି ଭାଗ ଚକ୍‌ଚକିଆ ହେବା ଉଚିତ୍ ।

ମୋଡ଼ା ଅଂଶ ଓ ସନ୍ଧି ଜାଗାମାନଙ୍କରୁ ମଇଳା ଓ ଦାଗ ଛାଡ଼ିବା ଉଚିତ୍ ।

## ସମ୍ବନ୍ଧିତ ପ୍ରଶ୍ନାବଳୀ

୧. ପ୍ଲାଷ୍ଟିକ୍ ଜିନିଷ ଉପରେ ଟାଣୁଆ ବ୍ରସ୍ ବ୍ୟବହାର କଲେ କ'ଣ ହୁଏ ?

୨. ପିତଳ ପାଣି କଳରୁ ତୁମେ କିପରି ଦାଗ ଛଡ଼ାଇବ ?

୩. ଝରକା କାଚରୁ ତେଲିଆ ଦାଗ କିପରି ଛଡ଼ାଯାଏ ?

୪. କଡ଼ା କ୍ଷାର ବା ଅମ୍ଳ କାହିଁକି ବ୍ୟବହାର କରିବ ନାହିଁ ?

## ଶିକ୍ଷକଙ୍କ ପାଇଁ ଟିପ୍ପଣୀ

୧. ପ୍ରଦର୍ଶିତ ହୋଇଥିବା ପରିଷ୍କାରକ ଦ୍ରବ୍ୟ ଦ୍ୱାରା କେଉଁ ପ୍ରକାର ପଦାର୍ଥ ସଫା ହୋଇପାରେ ତାହା ଶିକ୍ଷାର୍ଥୀଙ୍କୁ ପଚରାଯାଇପାରେ ।

୨. ଦିଆଯାଇଥିବା ବସ୍ତୁକୁ ଉପଯୁକ୍ତ ପରିଷ୍କାରକ ପଦାର୍ଥ ଏବଂ କୌଶଳ ପ୍ରୟୋଗ କରି ସଫା କରିବା ପାଇଁ ଶିକ୍ଷାର୍ଥୀଙ୍କୁ କୁହାଯାଇପାରେ ।

## ଅଧିକ ଜାଣିବା ପାଇଁ

ଗୃହ ବିଜ୍ଞାନ ୧ମ ଭାଗର ଅଧ୍ୟାୟ-୧୨ ଦ୍ରଷ୍ଟବ୍ୟ

**କିମ୍ବା**

## * ଲକ୍ଷ୍ୟ

ନିମ୍ନରେ ଦିଆଯାଇଥିବା ପଦାର୍ଥକୁ ସଫା କରିବା ପାଇଁ ଉପଯୁକ୍ତ ପରିଷ୍କାରକ ଏବଂ ପରିଷ୍କାର କରିବାର ପ୍ରଣାଳୀ ଲେଖ ।

| କ୍ରମିକ ନଂ | ପଦାର୍ଥ | ପରିଷ୍କାରକ ଦ୍ରବ୍ୟ | ପରିଷ୍କାର କରିବାର ପ୍ରଣାଳୀ |
|---|---|---|---|
| ୧. | ପ୍ଲାଷ୍ଟିକ ବାଲ୍‌ଟି ଏବଂ ମଗ | | |
| ୨. | ଗାଧୁଆ ଘରର ଟାଇଲ୍ | | |
| ୩. | ପାଇଖାନା ଚଟାଣ ଓ ପାଣିଟଙ୍କି | | |
| ୪. | ଧାତୁ ନିର୍ମିତ ପାଣିକଳ | | |
| ୫. | ରଙ୍ଗଲଗା କବାଟ ଓ ଝରକା | | |
| ୬. | ଝରକା କାଚ | | |

* ସୂଚନା: ଭିନ୍ନକ୍ଷମ ଶିକ୍ଷାର୍ଥୀଙ୍କ ନିମନ୍ତେ ପ୍ରଯୁଜ୍ୟ ।

# ପ୍ରୟୋଗ ସଂଖ୍ୟା – ୧୬

## ଲକ୍ଷ୍ୟ

ନିମ୍ନରେ ଦିଆଯାଇଥିବା ବିଭିନ୍ନ ବୟସର ଚାରିଜଣ ପିଲାଙ୍କର ଭାବ ପ୍ରକାଶର କୌଶଳକୁ ନିରୀକ୍ଷଣ କରିବା ।

୮ ମାସରୁ – ୧୨ ମାସ / ୧ ବର୍ଷରୁ – ଦେଢ଼ବର୍ଷ ବୟସ / ଦେଢ଼ବର୍ଷରୁ – ଦୁଇବର୍ଷ ଏବଂ ୨ ବର୍ଷରୁ – ୩ ବର୍ଷ ବୟସ ।

## ଉଦ୍ଦେଶ୍ୟ

ଏହି ପ୍ରୟୋଗକୁ କରିବା ପରେ ତୁମେ :

- ଗୋଟିଏ ପିଲା କିପରି ତା'ର ଭାବକୁ ପ୍ରକାଶ କରେ ଜାଣିପାରିବ ।
- ଏକ ନିର୍ଦ୍ଦିଷ୍ଟ ସମୟକାଳ ମଧ୍ୟରେ କିପରି ପିଲାଟିର ଭାବ ପ୍ରକାଶରେ ବିକାଶ ହେଉଛି ତାର ଅନୁସନ୍ଧାନ କରିପାରିବ ।
- ନିର୍ଦ୍ଦିଷ୍ଟ ସମୟ କାଳ ମଧ୍ୟରେ ପିଲାର ଶବ୍ଦଜ୍ଞାନ କିପରି ବଢୁଛି ତାକୁ ଅଧ୍ୟୟନ କରିପାରିବ ।

## ଆବଶ୍ୟକୀୟ ଉପକରଣ

କାଗଜ, କଲମ ଏବଂ ବିଭିନ୍ନ ବୟସର ଶିଶୁମାନେ ।

## ନିରୀକ୍ଷଣ ପାଇଁ ଟେବୁଲ

| | ଶିଶୁ –୧<br>୮ମାସ–୧୨ମାସ | ଶିଶୁ –୨<br>୧ବର୍ଷ–ଦେଢ଼ବର୍ଷ | ଶିଶୁ – ୩<br>ଦେଢ଼ବର୍ଷ–୨ବର୍ଷ | ଶିଶୁ – ୪<br>୨ବର୍ଷ–୩ବର୍ଷ |
|---|---|---|---|---|
| ଭାବଭଙ୍ଗୀ<br>ବାକ୍ୟ<br>ଶବ୍ଦ | | | | |

## ସାବଧାନତା

୧. ଉତ୍କୃଷ୍ଟ ତୁଳନା ଏବଂ ପ୍ରତ୍ୟାଶିତ ଫଳାଫଳ ପାଇଁ ଅନେକଗୁଡ଼ିଏ ପିଲାଙ୍କୁ ନିରୀକ୍ଷର କର ।

୨. ଅନ୍ୟୁନ ପକ୍ଷେ ଦୁଇ ସପ୍ତାହ ଧରି ପ୍ରତ୍ୟେକ ପ୍ରକାର ନିରୀକ୍ଷଣ  କରିବା ଉଚିତ୍ ।

୩. ଦିନର ବିଭିନ୍ନ ସମୟରେ ଅତ୍ୟନ୍ତ ପକ୍ଷେ ୫ରୁ ୧୦ ମିନିଟ୍ ପର୍ଯ୍ୟନ୍ତ ପିଲାକୁ ନିରୀକ୍ଷଣ କର ।

## ଉପସଂହାର

ତୁମେ ନିରୀକ୍ଷଣ କରିଥିବା ପିଲାମାନେ କିପରି ତାଙ୍କର ଭାବପ୍ରକାଶର କୁଶଳତାରେ ବିକାଶ ଲାଭ କରିଛନ୍ତି । ତାହା ତୁମ ସିଦ୍ଧାନ୍ତରେ ଦର୍ଶାଅ ।

## ସମ୍ବନ୍ଧିତ ପ୍ରଶ୍ନାବଳୀ

୧. ୮ ମାସରୁ ୧ ବର୍ଷ ବୟସର ପିଲାମାନେ କିପରି ସେମାନଙ୍କର ଭାବ ପ୍ରକାଶ କରିଥାନ୍ତି ?

୨. ଗୋଟିଏ ପିଲା କେତେବେଳେ ସମ୍ପୂର୍ଣ୍ଣ ବାକ୍ୟ କରିବାକୁ ଆରମ୍ଭ କରେ ?

୩. ୧ ବର୍ଷ ବୟସ ହେଲା ବେଳକୁ ଗୋଟିଏ ପିଲାର ଶବ୍ଦ ଜ୍ଞାନ ବିଷୟରେ ତୁମର ଆନୁମାନିକ ନିର୍ଦ୍ଧାରଣ କ'ଣ ?

୪. ଭାଷାର ବିକାଶରେ କୌଣସି ଲିଙ୍ଗଗତ ପାର୍ଥକ୍ୟକୁ ତୁମେ ଲକ୍ଷ୍ୟ କରିଛ କି ?

୫. ଗୋଟିଏ ପିଲାର ଭାଷାର ବିକାଶରେ ଅନ୍ୟମାନଙ୍କର ଭୂମିକା କ'ଣ ?

## ଅଧିକ ଜାଣିବା ପାଇଁ

ଗୃହ ବିଜ୍ଞାନ ୨ୟ ଭାଗର ଅଧ୍ୟାୟ-୧୮ ଦ୍ରଷ୍ଟବ୍ୟ

# ପ୍ରୟୋଗ ସଂଖ୍ୟା – ୧୭

## ଲକ୍ଷ୍ୟ

ପିଲାମାନଙ୍କ ପାଇଁ ଘରୋଇ ଉପକରଣରେ କମ୍ ଦାମର ଖେଳନା / ଖେଳ ସାମଗ୍ରୀ ତିଆରି କରିବା ।

## ଉଦ୍ଦେଶ୍ୟ

ଏହି ପ୍ରୟୋଗକୁ କରିବା ପରେ ତୁମେ :

- ପିଲାମାନଙ୍କର ବିକାଶର ବିଭିନ୍ନ ସ୍ତରରେ ଉପଯୁକ୍ତ ଶିକ୍ଷଣୀୟ ଉପକରଣର ଆବଶ୍ୟକତାକୁ ଚିହ୍ନଟ କରିବା ।
- ପିଲାମାନଙ୍କ ପାଇଁ ଉପଯୁକ୍ତ ଖେଳନା / ଖେଳସାମଗ୍ରୀର ଡିଜାଇନ ପ୍ରସ୍ତୁତିରେ କୁଶଳତା ଲାଭ କରିବା ଏବଂ
- ସୃଜନାତ୍ମକ କାର୍ଯ୍ୟ ନିମନ୍ତେ ଭାବ ପ୍ରକାଶ କରିବା ।

## ଆବଶ୍ୟକୀୟ ଉପକରଣ

ଗୃହରେ ସହଜରେ ଉପଲବ୍ଧ ଯେ କୌଣସି ପଦାର୍ଥ, ଯେପରିକି, କନା ଖଣ୍ଡ, ପୁରୁଣା ମୋଜା, ସ୍ପଞ୍ଜ, ଉଲବୁଣା କଣ୍ଟା, ଖାଲି ବାକ୍ସ, ଟିଣ ଓ ବୋତଲ, କାର୍ଡବୋର୍ଡ, ଅଠା, ସ୍କେଲ, ରଙ୍ଗଡବା / ରଙ୍ଗ ପେନ୍ସିଲ୍ କିମ୍ବା କ୍ରେୟନ୍, ଛୁଞ୍ଚ, ସୁତା ଏବଂ କଇଁଚି ଇତ୍ୟାଦି ।

## କାର୍ଯ୍ୟ ପ୍ରଣାଳୀ

ଘରେ ଥିବା ଉପକରଣରେ ଯେ କୌଣସି ଖେଳ ସାମଗ୍ରୀର ଡିଜାଇନ୍ କର ଯେମିତି ଝୁମୁକା, ନରମ ଖେଳନା, କଣ୍ଢେଇ, ଗୋଟିଏ ବୋବାଇଲ୍ ଫୋନ୍, ଏବଂ ପିଲାପାଇଁ ଗୋଟିଏ ଗୋଲକ ଧନ୍ଦା ।

ପିଲା ପାଇଁ ଖେଳନାର ଯୌକ୍ତିକତା ଏବଂ ତୁମ ଉତ୍ତର ପାଇଁ କାରଣର ବ୍ୟାଖ୍ୟା କର ।

| କ୍ରମିକ ନଂ. | ଖେଳନାର ବର୍ଣ୍ଣନା | ବୟସ ପାଇଁ ଉପଯୁକ୍ତ | କାରଣ |
|---|---|---|---|
| | | | |

## ସାବଧାନତା



୧. ତୁମେ ପରିକଳ୍ପନା କରିଥିବା ଖେଳନାଟି ଯେପରି ତିଆରି କରିବାକୁ ସହଜ ଏବଂ ଖେଳିବା ପାଇଁ ମଧ୍ୟ ସୁବିଧାଜନକ ହେବ ତାହା ଲକ୍ଷ୍ୟ କରିବ ।

୨. ଖେଳନା ତିଆରି କରିବା ପାଇଁ ବିପଦଜନକ ସାମଗ୍ରୀ ବ୍ୟବହାର କରିବ ନାହିଁ ।

୩. ଖେଳନାଟି ପିଲାର ବୟସପୋଯୋଗୀ ହେବା ଦରକାର ।

୪. ଯେତେଦୂର ସମ୍ଭବ ଖେଳନାଟି ନିରାପଦ ଏବଂ ଶକ୍ତ ହେବା ଦରକାର ।

## ଉପସଂହାର

ତୁମେ ତିଆରି କରିଥିବା ଖେଳନା ସହ ସମାନ ପ୍ରକାର ବଜାରରେ ମିଳୁଥିବା ଖେଳନାର ତୁଳନା କର ଏବଂ ତୁମେ ପ୍ରସ୍ତୁତ କରିଥିବା ଖେଳନାର ଭଲ ଓ ମନ୍ଦ ଦିଗ ବିଷୟରେ ସୂଚନା ଦିଅ ।

## ମୂଲ୍ୟାୟନ ପାଇଁ ନିର୍ଣ୍ଣାୟକ

ପ୍ରସ୍ତୁତ ଖେଳନାଟି ଆକର୍ଷଣୀୟ, ନିରାପଦ, ଖେଳିବା ପାଇଁ ସହଜ ଏବଂ ପିଲାର ବିକାଶ ନିମନ୍ତେ ଉପଯୁକ୍ତ ହେବା ଦରକାର ।

## ସମ୍ବନ୍ଧିତ ପ୍ରଶ୍ନାବଳୀ

୧. ଗୋଟିଏ ୧ ବର୍ଷ ବୟସର ପିଲାପାଇଁ ଉପଯୁକ୍ତ ଖେଳନାର ଦୁଇଟି ବୈଶିଷ୍ଟ୍ୟ ଦର୍ଶାଅ ।

୨. ଗୋଟିଏ ୪ ବର୍ଷ ବୟସର ପିଲାର ଖେଳନା ଗୋଟିଏ ୧ ବର୍ଷ ବୟସର ପିଲାର ଖେଳନା ଠାରୁ କେଉଁ ଭାବରେ ଅଲଗା ହେବ ତା'ର ଦୁଇଟି ଉପାୟ ବତାଅ ।

୩. ପିଲାଙ୍କ ପାଇଁ ଖେଳନା ବାଛିବାବେଳେ 'ନିରାପତ୍ତା' କାହିଁକି ଗୁରୁତ୍ୱପୂର୍ଣ୍ଣ ?

୪. ତୁମେ ପିଲାଙ୍କ ପାଇଁ ଖେଳନାର ପରିକଳ୍ପନା କଲା ସମୟରେ କେଉଁ ଭାବରେ ନିରାପତ୍ତା ପ୍ରତି ଦୃଷ୍ଟି ଦେବ ?

## ଶିକ୍ଷକଙ୍କ ପାଇଁ ଟୀପ୍ପଣୀ

୧. ଦିଆଯାଇଥିବା ଉପକରଣରେ ଏକ ନିର୍ଦ୍ଦିଷ୍ଟ ବୟସର ପିଲାଙ୍କ ପାଇଁ ଖେଳନା ପ୍ରସ୍ତୁତି କରିବାକୁ ଶିକ୍ଷାର୍ଥୀମାନଙ୍କୁ କୁହାଯାଇପାରେ ।

୨. ଶିକ୍ଷାର୍ଥୀଙ୍କୁ ଗୋଟିଏ ଖେଳନା ଦେଖାଇ ତାହା ଏକ ନିର୍ଦ୍ଦିଷ୍ଟ ବୟସର ପିଲାଙ୍କ ପାଇଁ ଉପଯୁକ୍ତ କି ନୁହେଁ ନିର୍ଦ୍ଧାରଣ କରିବାକୁ କୁହାଯାଇପାରେ ।

## ଅଧିକ ଜାଣିବା ପାଇଁ

ଗୃହ ବିଜ୍ଞାନ – ୨ୟ ଭାଗର ଅଧ୍ୟାୟ–୧୮ ଦ୍ରଷ୍ଟବ୍ୟ